## ଆଡ଼ି ନଦୀରୁ ଦଳ ସଫା ହେଲା



କଣାସ, ୯।୧୨(ସମିସ): କଣାସ ବ୍ଲକର ପ୍ରବାହିତ ହେଉଥିବା ଦୟା ଓ ମକରା ନଦୀର ମଧବର୍ତ୍ତୀ ଅଞ୍ଚଳ ସାହସପୁର ଗ୍ରାମଠାରୁ ମକରା ନଦୀରୁ ବାହାରିଥିବା ଆଡି ନଦୀ ୩ କିମି ପଥ ଅତିକ୍ରମ କରି ବଡଓରା ପରେ ପୁନଶ୍ଚ ମକରା ନଦୀରେ ମିଶିଛି । ଉକ୍ତ ନାଳର ଜଳ ଯୋଗୁଁ ସାହାସପୁର, ସାନଓରା, ବଡଓରା ଏବଂ ସୁଭଦ୍ରାପୁର ଗ୍ରାମର .ଷୀମାନେ ଖରାଟିଆ ଧାନ .ଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଉକ୍ତ ଆଡି ନଦୀରେ କଳିକତି ଦଳ ଜମା ହୋଇଯିବାରୁ ମକରା ନଦୀରୁ ଜଳ ଉକ୍ତ ନଦୀକୁ ପ୍ରବେଶ ନ କରିବାରୁ .ଷୀମାନେ ମୁଣ୍ଡରେ ହାତଦେଇ ବସିଥିଲେ। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବାରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୭ଦିନ ହେଲା ଆଡିନଦୀରୁ ଡ୍ରେନେଜ୍ ବିଭାଗ ପକ୍ଷରୁ ଦଳ ସଫା କାର୍ଯ୍ୟ ଜାରି ରହିଛି ।

# ପୁଅ ଶୁଦ୍ଧିକ୍ରିୟା ପାଇଁ ମା'ଙ୍କ ଭିକ୍ଷାବୃତ୍ତି

କାକଟପୁର/ଗମ୍ଭାରୀପଦା, ୯।୧୨(ସମିସ):

ସ୍ନେହମୟୀ ମା' ସାମ୍ନାରେ ଚାଲିଗଲା ଘରର ରୋଜଗାରିଆ ପୁଅ। ଏକମାତ୍ର ପୁଅର ଶୁଦ୍ଧିକ୍ରିୟା ପାଇଁ ଜନ୍ମଦାତ୍ରୀ ମା' ପଞ୍ଚେଇ ମଲ୍ଲିକ (୭୫) ଗାଁ ଗାଁ ବୁଲି କାନି ପତାଇ ଭିକ୍ଷା ମାଗୁଛନ୍ତି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କାକଟପୁର ବ୍ଲକ ଲତାହରଣ ଗ୍ରାମରେ। ଲତାହରଣ ଗ୍ରାମର ପ୍ରଫୁଲ୍ଲ ମଲ୍ଲିକ ୨୦୧୦ମସିହାରେ ପରିବାର ଚଳାଇବା ପାଇଁ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଥିରୁ ଯାହା ରୋଜଗାର ହୁଏ ଘରେ ବୃଦ୍ଧ ମା', ବାପା, ସ୍ତ୍ରୀ ଓ ପୁଅ ଖୁସିରେ ଚଳୁଥିଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ହାଇଦ୍ରାବାଦରେ ଏକ ଦୁର୍ଘଟଣାରେ ପ୍ରଫୁଲ୍ଲଙ୍କ ଶରୀରର ୭୫ଭାଗ ଅଚଳ ହୋଇଗଲା । ଏଭଳି ଦୁର୍ଦ୍ଦିନ ସମୟରେ ଦିବ୍ୟାଙ୍ଗ ସ୍ୱାମୀଙ୍କୁ ଛାଡି ସ୍ତ୍ରୀ ପୁଅକୁ ସାଙ୍ଗରେ ନେଇ ବାପ ଘରକୁ ଚାଲିଗଲେ। ଘରର ରୋଜଗାରିଆ ପୁଅକୁ ସୁସ୍ଥ କରିବାକୁ ବୃଦ୍ଧ ବାପା ମା' ଗାଁ ଗାଁ ବୁଲି ଭିକ୍ଷା ବୃତ୍ତି କରି ଔଷଧ ପାଇଁ ଟଙ୍କା ଯୋଗାଡ଼ କରୁଥିଲେ। କିନ୍ତୁ ବୃଦ୍ଧ ବାପା ମଧ ବୟସର ଅପରାହ୍ନରେ ଆରପାରିକୁ ଚାଲିଗଲେ । ପୁଅର ଚିକିତ୍ସା ପାଇଁ ସାହା କେବଳ ବୃଦ୍ଧା ମା'। ପୁଅର ଭତ୍ତା ଟଙ୍କା ଆଉ ଜୀବନ ବଞ୍ଚାଇବାକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ହିଁ ଭରସା । ଯାହା ଭତ୍ତା ଟଙ୍କା ମିଳେ ସେଥିରେ ଜନ୍ମକଲା ମା' ପୁଅ ପ୍ରଫୁଲ୍ଲଙ୍କୁ ଭଲ କରିବାକୁ ଉଦ୍ୟମ କରନ୍ତି। ଗତ କିଛି ଦିନ ତଳେ ପୁଅର ଯନ୍ତ୍ରଣା ଅଧିକ ହେବାରୁ ଘର ନିକଟ ପଡୋଶୀଙ୍କ ସହାୟତାରେ ଡ଼ାକ୍ତରଖାନାକୁ ନେଲେ। କିନ୍ତୁ ପ୍ରଫୁଲ୍ଲଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶରେ ଗୋଟିଏ ପରେ ଗୋଟିଏ ମେଡିକାଲକୁ ଗଲେ। ହେଲେ ଗତ ମଙ୍ଗଳବାର ୩୭ ବର୍ଷିୟ ପୁଅ ପ୍ରଫୁଲ୍ଲ ମା' ସାମ୍ନାରେ ଚାଲିଗଲା। ପୁଅର ଶୁଦ୍ଧିକାର୍ଯ୍ୟ କରିବରୁ ବୃଦ୍ଧା ମା' ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ସେ ଗାଁକୁ ଗାଁ ବୁଲି ଭିକ୍ଷା ମାଗୁଛନ୍ତି। ନିଜ ପାଦରେ ଚାଲିବାକୁ ବଳ ନ ଥିଲେ ମଧ ମୃତ ପ୍ରଫୁଲ୍ଲଙ୍କ ମା' ପଞ୍ଚେଇ କଷ୍ଟେମଷ୍ଟେ ଭିକ୍ଷାବୃତ୍ତି କରୁଛନ୍ତି ପୁଅର ଶୁଦ୍ଧିକାର୍ଯ୍ୟ କରିବା ପାଇଁ। ପଞ୍ଚେଇ ଅତି କୋହଭରା କଣ୍ଠରେ କୁହନ୍ତି



ପୁଅର ଚିକିତ୍ସା ପାଇଁ ବାରମ୍ବାର ପ୍ରଶାସନକୁ ଆକୁଳ ନିବେଦନ କରିଥିଲେ ମଧ କୌଣସି ସହାୟତା ମିଳିଲା

### ସରକାରୀ ସହାୟତା ଅପେକ୍ଷାରେ ବୃଦ୍ଧା ପଞ୍ଚେଇ

ନାହିଁ। ଶେଷରେ ଯନ୍ତ୍ରଣା ଭୋଗି ପୁଅ ଆଖି ବୁଜିଦେଲା। ଅନ୍ୟ ପଟେ ମୁଣ୍ଡ ଗୁଞ୍ଜିବା ପାଇଁ ସାହାରା କେବଳ ଭଙ୍ଗା ଚାଳଘର । ଚାଳ ଘର ଉପରେ ଜରି ପାଲ ପକାଇ ରହୁଛନ୍ତି। ପୁଅ ତ ଚାଲିଗଲା ଏକୁଟିଆ ଜୀବନ ଜିଉଁଛନ୍ତି ବୃଦ୍ଧା ପଞ୍ଚେଇ। ସ୍ଥାନୀୟ ବାସିନ୍ଦା କୁହନ୍ତି ପ୍ରଶାସନ ସହାୟତାର ହାତ ନ ବଢ଼ାଇବାରୁ ପୁଅ ଆଖି ବୁଜିଲା। ଯଦି ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାନ୍ତେ ତେବେ ପୁଅର ଶୁଦ୍ଧି କ୍ରିୟା ହୋଇପାରନ୍ତା।

## ସତ୍ୟବାଦୀ ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

ସାକ୍ଷୀଗୋପାଳ, ୯।୧୨(ସମିସ): ସତ୍ୟବାଦୀର ପଞ୍ଚସଖା ଖେଳ ପଡିଆରେ ଅନୁଷ୍ଠିତ ସତ୍ୟବାଦୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଂଯୋଜକ ତଥା ଜୟପୁର ସମିତି ସଭ୍ୟ ଦୀପକ ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହୋତ୍ସବ କମିଟିର ସଭାପତି ଜାନକୀବଲ୍ଲବ ମିଶ୍ର, ସମ୍ପାଦକ ଜାନକୀ ବଲ୍ଲଭ ବରାଳଙ୍କ ସହିତ ଶଙ୍କର୍ଷଣ ବରାଳ, ପ୍ରାଚୁର୍ଯ୍ୟ ହୋତା, ଭଗବାନ ବେହେରା, କାପୁନା ରଥ, ଶରତ ଚନ୍ଦ୍ର ମହାପାତ୍ର, ରଞ୍ଜନ କୁମାର ବରାଳଙ୍କ ସହିତ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ୯, ୧୦ ଓ ୧୧ ତାରିଖ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସଂଯୋଜକ ଶ୍ରୀ ଶତପଥିଙ୍କ ସୂଚନା ଦେଇଛନ୍ତି।

## ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଏକାଦଶତମ ବାର୍ଷିକ ଉତ୍ସବ



ପିପିଲି, ୯।୧୨(ସମିସ): ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଦଶମ ବାର୍ଷିକ ଉତ୍ସବ ପିପିଲି ତେଇଶପୁର ନିକଟ ବାଙ୍ଗରପଡ଼ା ଠାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ରବିବାର ନଗର ପରିକ୍ରମାରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଇ ନଗର କୀର୍ତ୍ତନ ପରିବେଷଣ କରାଯାଇଥିଲା। ଠାକୁରଙ୍କୁ ଦୋଳ ବିମାନରେ ଭକ୍ତମାନେ ବସାଇ ଗାଁ ପରିକ୍ରମା କରୁଥିବା ସମୟରେ ଆଗରେ ଗୋଟିପୁଅ କଳାକାରମାନେ ନୃତ୍ୟ ପରିବେଷଣ କରିଥଲେ। ଠାକୁରଙ୍କ ଆଗମନ ପାଇଁ ମହିଳାମାନେ ଗାଁ ଦାଣ୍ଡକୁ ଓଳାଇ ଗୋବରରେ ଲିପି ଝୋଟି ଓ ଚିତା ପକାଇଥିଲେ। ଠାକୁରଙ୍କ ଆଗମନରେ ବନ୍ଦାପନା କରାଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା। ସୋମବାର ପ୍ରଭୁଙ୍କ ବିଜେସ୍ଥଳୀ ବାଙ୍ଗାରପଡ଼ା ଶାନ୍ତି ଆଶ୍ରମ ନିକଟରେ ସାଧୁମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ, ସାଧୁ ସମ୍ବର୍ଦ୍ଧନା ଏବଂ ପ୍ରବଚନ ସହିତ ଗୋଟିପୁଅ ନୃତ୍ୟ ଓ ଠାକୁରଙ୍କ ଲୀଳା ନାଟକ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଅଭିରାମ ପରମହଂସଙ୍କ ଜୀବନୀ ଉପରେ ଆଧାରିତ ନାଟକ ପରିବେଷଣ କରିଥିଲେ। ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଆନନ୍ଦ ବଜାର ଖୋଲା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଧା ରମଣ ଦାସ, ବାବାଜି ବୁଦ୍ଧଦେବ ଦାସ, ବାବାଜି ତ୍ରିଲୋଚନ ଦାସ କାର୍ଯ୍ୟକ୍ରମ ସମ୍ପାଦନା କରିଥିବା ବେଳେ ଅଭିରାମ ଆଶ୍ରିତ ଆଞ୍ଚଳିକ ପରିଷଦର ସଦସ୍ୟ ଲକ୍ଷ୍ମୀଧର ଦାସ, ବୈକୁଣ୍ଠ ସ୍ୱାଇଁ, ବାଇଧର ସ୍ୱାଇଁ, ଦିବାକର ପ୍ରଧାନ, ବୁଦ୍ଧନାଥ ପରିଡ଼ା, ଗୋବିନ୍ଦ ମଲ୍ଲିକ ଓ ବାବନ ସ୍ୱାଇଁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ନୟା ସବେରା ୟୁଥ୍ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ




ନିମାପଡା, ୯।୧୨ (ସମିସ):

ନିମାପଡାସ୍ଥିତ ପୁରୁଣା ବସଷ୍ଟାଣ୍ଡ ନିକଟ ଲକ୍ଷ୍ମୀ ମଣ୍ଡପଠାରେ ସ୍ଥାନୀୟ ନୟା ସବେରା ୟୁଥ୍ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟବକ୍ତା ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ରଥ, ସମ୍ମାନିତ ଅତିଥି ଓଏଏସ ସନ୍ୟାସୀ ବେହେରା, ଡକ୍ଟର ପ୍ରଫୁଲ କୁମାର ମହାନ୍ତି, ଡକ୍ଟର ମାନସ କୁମାର ଦାଶ, ଶିକ୍ଷକ ପ୍ରତାପ ଚନ୍ଦ୍ର ସାବୁତ, ନୟାସବେରା ୟୁଥ ଟ୍ରଷ୍ଟର ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ ଓ ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ଜୀବନ ଜ୍ୟୋତି ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ କୃତୀ ଛାତ୍ରଛାତ୍ରୀ ଓ କଳାକାର ମାନଙ୍କୁ କଳାଶ୍ରୀ ସମ୍ମାନରେ ସମୁଦାୟ ୯୦ ଜଣଙ୍କୁ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନୟା ସବେରା ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଶିକ୍ଷାବିତ୍ ପଦ୍ମଚରଣଙ୍କ ପରଲୋକ

କଣାସ, ୯।୧୨(ସମିସ): କଣାସ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ ପଦ୍ମଚରଣ ହରିଚନ୍ଦନ (୯୨)ଙ୍କର ରବିବାର ମଧରାତ୍ରରେ କଳାପଦରସ୍ଥିତ ବାସଭବନରେ ପରଲୋକ ଘଟିଛି। କଳାପଦର, ଗଡଶାହି, ଯାମଳଗୋଦା, ଗଡିଶାଗୋଦା ପ୍ରଭୃତି ପ୍ରାଥମିକ ବିଦ୍ୟାଳୟରେ ସେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ତାଙ୍କ କର୍ମମୟ ଜୀବନ ଭିତରେ ଅଞ୍ଚଳର ବିକାଶ ପାଇଁ ଦଧିଭଦ୍ର ଉପ୍ରା ବିଦ୍ୟାଳୟ ସ୍ଥାପନ, କଳାପଦର ଘେରିବନ୍ଧ, କଳାପଦର ରାଜସ୍ୱ କାର୍ଯ୍ୟାଳୟ, ମକରା ନଦୀ ଉପରେ କଦୁଆଘାଟ ଠାରେ ସେତୁ ନିର୍ମାଣ, ରାମାୟଣ ପରିଷଦ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଥିଲା। ତତସହିତ ଗ୍ରାମ୍ୟ ପରିଚାଳନା କମିଟର ସଭାପତି, ଗୋପୀନାଥପୁର ସେବା ସମବାୟ ସମିତିରେ ଦୀର୍ଘ ୨୦ବର୍ଷ ଭାବେ ସଭାପତି ଭାବେ କାର୍ଯ୍ୟ ସଂପାଦନ କରିଥିଲେ। ଦୀର୍ଘ ଛଅ ମାସ ତଳୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ସଂସ୍କାର କରାଯାଇଥିଲା। ବଡ ପୁଅ ହେମନ୍ତ କୁମାର ହରିଚନ୍ଦନ ମୁଖାଗ୍ନି ଦେଇଥିଲେ। ସାନପୁଅ ତଥା ପୂର୍ବତନ ବ୍ଲକ ଉପାଧକ୍ଷ ଶିଶିର ହରିଚନ୍ଦନ, ସାନ ଭାଇ ଶିକ୍ଷାବିତ ବାସୁଦେବ ହରିଚନ୍ଦନ, ପୁତୁରା ସମବାୟ ସମିତିର ସଂପାଦକ ଦେବାଶିଷ ହରିଚନ୍ଦନଙ୍କ ସମେତ ପରିବାରର ଆତ୍ମୀୟସ୍ୱଜନ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଞ୍ଚଳର ଜଣେ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଶିକ୍ଷାବିତଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।

## ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

କୃଷ୍ଣପ୍ରସାଦ, ୯।୧୨(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତର ଚିଲିକା କୂଳରେ ଅବସ୍ଥିତ ଘିମୁଦା ଘାଟ ପେଣ୍ଠ ବ୍ୟବସାୟର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି। ଉକ୍ତ ଜେଟି ଠାରୁ ଅଳ୍ପ ଦୂରରେ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଇଙ୍କ ମନ୍ଦିର ଏବଂ ପକ୍ଷୀ ଅଭୟାରଣ୍ୟ ନଳବଣ ରହିଛି। ଦୈନିକ ଡ଼ଙ୍ଗା ଓ ଲଞ୍ଚ ଯୋଗେ ଶହ ଶହ ଯାତ୍ରୀ ବାଲୁଗାଁ ଯାତାୟତ କରିଥାନ୍ତି। ଉକ୍ତ ଜନଗହଳି ପୂର୍ଣ୍ଣ ସ୍ଥାନରେ ପ୍ରତ୍ୟହ ଶହ ଶହ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଯାତ୍ରୀବାହୀ ଡ଼ଙ୍ଗା ଗୁଡ଼ିକ ଉକ୍ତ ଜେଟିରେ ରହି ଜନସାଧାରଣଙ୍କୁ ନବା ଆଣିବା କରିଥାନ୍ତି। ତେବେ ଉକ୍ତ ସ୍ଥାନରେ ଯାତ୍ରୀ ବିଶ୍ରାମଗାର ଓ ପରିଶ୍ରାଗାରଟିଏ ନ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀ ଓ ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଘିମୁଦା ଘାଟ ପେଣ୍ଠଠାରେ ଏକ ଯାତ୍ରୀ ବିଶ୍ରାମଗାର ଓ ତତସଲଗ୍ନ ପରିଶ୍ରାଗାର ନିର୍ମାଣ ନିମନ୍ତେ କୃଷ୍ଣପ୍ରସାଦ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ଦିଗରେ ବିଡ଼ିଓ, ପୁରୀ ଜିଲ୍ଲାପାଳ, ବ୍ରହ୍ମଗିରି ବିଧାୟିକା, ପୁରୀ ସାଂସଦ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ତୁଳସୀପୁର ୟୁପି ସ୍କୁଲ ୧୯୮୫ ବ୍ୟାଚ୍ ବନ୍ଧୁମିଳନ



ଚାରିଛକ, ୯।୧୨(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର୧୯୮୫ ବ୍ୟାଚଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ପାଳିତ ହୋଇଛି। ଏହି ଅବସରରେ ପୁରାତନ ଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଏକ ଗଣେଶ ମୂର୍ତ୍ତୀ ସ୍ଥାପନ କରାଯାଇଛି। ପୁରାତନ ଛାତ୍ରଛାତ୍ରୀମାନେ ନିଜ ମଧରେ ଭାବର ଆଦାନ ପ୍ରଦାନ ସହ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁ ଚରଣ ଦାଶ ଓ ଦୀନବନ୍ଧୁ ଦାସଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ବର୍ଷ ଏହି ବନ୍ଧୁମିଳନକୁ ଅଧିକ ସରସ ସୁନ୍ଦର କରିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବନ୍ଧୁମିଳନ ଉତ୍ସବରେ ଚିନ୍ମୟ ବିଶ୍ୱାଳ, ହିମାଂଶୁ ଭୂଷଣ ଦାଶ, କଳ୍ପତରୁ ସାହୁ, ନରେନ୍ଦ୍ର ବେହେରା, ଅଶୋକ ପାଣି, ଦାଶରଥି ବେହେରା, ଜଗନ୍ନାଥ କର, ସ୍ନେହଲତା ଦାସଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗମ୍ଭାରୀପଦା, ୯।୧୨(ସମିସ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସୌଜନ୍ୟରେ କାକଟପୁର ପଞ୍ଚାୟତ ସମିତି ଦ୍ୱାରା କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପରିସରରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଓ ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ ଶିବିର ଉଦ୍‌ଘାଟନ କରି ସରକାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସକ୍ଷମ ମାନଙ୍କ ସହିତ ସମପରିମାଣରେ ରାଜ୍ୟର ଅଭିବୃଦ୍ଧିରେ ଭାଗିଦାରୀ ଥିବା କହିଥିଲେ। ଉକ୍ତ ଶିବିରରେ ୧୮୮ଜଣ ଶାରୀରିକ ଅକ୍ଷମ, ୬୯ଜଣ ଶ୍ରବଣ ବାଧିତ, ୩୩ ଜଣ ଦୃଷ୍ଟିଶକ୍ତି, ୫୯ଜଣ ମାନସିକ ଓ ୨୨ଜଣ ଔଷଧ ବିଭାଗର ବ୍ୟକ୍ତିଙ୍କୁ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ପ୍ରମାଣପତ୍ର ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସୌଭାଗ୍ୟ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେ ବ୍ଲକର ବିଭାଗୀୟ କର୍ମଚାରୀ ମାନେ ସହଯୋଗ କରିଥିଲେ। ଜିଲ୍ଲାର ସାମାଜିକ ସୁରକ୍ଷା ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଉପସ୍ଥିତିରେ ଶାନ୍ତି ଶୃଙ୍ଖଳାର ସହ ଶିବିର ସମାପନ କରାଯାଇଥିଲା।

## ଲକ୍ଷ୍ମୀଧର ଜଗଦେବ ସ୍ମୃତି ସମିତିର ବୈଠକ

କଣାସ, ୯।୧୨(ସମିସ): କଣାସ ବ୍ଲକ ବକୁ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ସମାଜସେବୀ ସ୍ୱର୍ଗତ ଲକ୍ଷ୍ମୀଧର ଜଗଦେବଙ୍କ ପ୍ରଥମ ଶ୍ରାଦ୍ଧାବାର୍ଷିକ ଫେବୃଆରୀ ୧୯ ତାରିଖରେ ଅନୁଷ୍ଠିତ ହେବ। ଲକ୍ଷ୍ମୀଧର ଜଗଦେବ ସ୍ମୃତି କମିଟି ପକ୍ଷରୁ ପ୍ରଥମ ବୈଠକ କଣାସ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଜଗଦେବଙ୍କ ପ୍ରତିମୂର୍ତ୍ତି ବାଲିଘାଇ ଛକରେ ଏବଂ ଭିକାରିଚରଣ ବିଦ୍ୟାନିକେତନ ପରିସରରେ ସ୍ଥାପନ ହେବାପାଇଁ ବୈଠକରେ ନିଷ୍ପତି କରାଯାଇଛି । ତତ୍ ସହିତ ଏକ ସ୍ମରଣୀକା ପ୍ରକାଶନ ନିମନ୍ତେ ପ୍ରସ୍ତାବ ଦେବା ସହ ବକୁ ଓ କଣାସ ଠାରେ ଦୁଇଟି ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମକୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କୁ ଆମନ୍ତ୍ରିତ କରିବାପାଇଁ ନିଷ୍ପତ୍ତି ହୋଇଛି। ବିଶିଷ୍ଟ ଶିକ୍ଷାବିତ୍ ଫକୀର ମୋହନ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ରାମଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ତରୁଣ ସ୍ୱାଇଁ, ଲିଜା ଛୋଟରାୟ, ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

### ଖୋଖୋ ବିଶ୍ୱକପ-୨୦୨୫

## ଭାରତୀୟ ପ୍ରଶିକ୍ଷଣ ଶିବିରରେ ଡେଲାଙ୍ଗର ୨ ଖେଳାଳି

ଡେଲାଙ୍ଗ, ୯।୧୨(ସମିସ): ଆସନ୍ତା ବର୍ଷ ଜାନୁୟାରୀ ୧୩ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ ଠାରେ ଖୋଖୋ ବିଶ୍ୱ କପ ଆୟୋଜିତ ହେବାକୁ ଯାଉଛି। ଭାରତୀୟ ଦଳରେ ଯୋଗ ଦେବାପାଇଁ ସାରା ଦେଶରୁ ବଛାବଛା ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତ ଅଧିନ ବରକେରା ଗ୍ରାମର ଗଜେନ୍ଦ୍ର ପ୍ରଧାନଙ୍କ ପୁତ୍ର ଭରତ ଓ ମୁନିନ୍ଦା ଗ୍ରାମର ଭୀମସେନ ପ୍ରଧାନଙ୍କ କନ୍ୟା ଅନନ୍ୟା ଦେଶ ପାଇଁ ଖେଳିବାର ଗୌରବ ହାସଲ କରିବା ସହିତ ଭାରତୀୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାପାଇଁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଭାରତୀୟ ଖୋଖୋ ଦଳର ମୁଖ୍ୟ କୋଚ ଅଶ୍ୱନୀ ଶର୍ମାଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ




ଇଣ୍ଡୋର ଷ୍ଟାଡିୟମଠାରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ଦୁହେଁ ମୁନିନ୍ଦାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଓ ଛାତ୍ରୀ ହୋଇଥିବାରୁ ଏନେଇ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷକ ହୃଷିକେଶ ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସମାବେସରେ ବିଦ୍ୟାଳୟର ପ୍ରତିଷ୍ଠାତା ଶଶାଙ୍କ ଚୂଡାମଣି, ସ୍ଥାନୀୟ ସରପଞ୍ଚ ଶେଷଦେବ ବାରିକ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଅଧ୍ୟାପକ ତ୍ରିନାଥ ପରିଡା, ପରିଚାଳନା କମିଟି ସଭାପତି ସବିତା ଦାସ, ଶିକ୍ଷକ ରମେଶ ଚନ୍ଦ୍ର ପରିଡା, ପ୍ରବୀର ମହାପାତ୍ର, ସୁଶୀଲ ମୁକୁଟମଣି, ସୂର୍ଯ୍ୟ ନାରାୟଣ ଜେନା, ଶିକ୍ଷୟିତ୍ରୀ ବୈଜନ୍ତୀମାଳା ହରିଚନ୍ଦନ ପ୍ରମୁଖଙ୍କ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସମ୍ବର୍ଦ୍ଧନା ଜଣାଇଥିଲେ। ଭରତ ଓ ଅନନ୍ୟା ଭାରତୀୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାପାଇଁ ସୋମବାର ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନ ବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏନେଇ ଡେଲାଙ୍ଗ ବ୍ଲକର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବଜ୍ରକୋଟ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା

କୃଷ୍ଣପ୍ରସାଦ, ୯।୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦ୍ୱିତୀୟ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ୨୪ ମୌଜା ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ ଉଦଘାଟନ କରିଥିଲେ। ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ବିଜୟ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବଜ୍ରକୋଟ ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ସନାତନ ତରେଇ, ଶିକ୍ଷାବିତ ବ୍ରଜ କିଶୋର ଗୌଡୁ ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାର ଉପଯୋଗିତା ଓ ଉତ୍କର୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟା ମନ୍ଦିର ପ୍ରଧାନଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହକାରୀ ଆଚାର୍ଯ୍ୟା ରିତାରାଣୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ନିରଞ୍ଜନ ପଲାଇ ଧନ୍ୟବାଦ




ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଜେନା, ପ୍ରବଚକ ପ୍ରଶାନ୍ତ କୁମାର ପଲାଇ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ନିରୀକ୍ଷକ ଭାବେ ମାନସିଂହ ସାହିତ୍ୟ ସଂସଦ ସଭାପତି ବିଷ୍ଣୁ ପ୍ରସାଦ ଦଳାଇ, ଗଞ୍ଜାମ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନିପାକ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ବିଜ୍ଞାନର ଉପକାରିତା ସମ୍ବନ୍ଧୀୟ ନୃତ୍ୟ ନାଟିକା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶ୍ରେଷ୍ଠ ପ୍ରକଳ୍ପ ଗୁଡ଼ିକୁ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା'ଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ଜାତୀୟ ସାଇକଲ ଚାଳନା ପ୍ରତିଯୋଗିତା

ପୁରୀ, ୯।୧୨(ସମିସ)



ପୁରୀ ଷ୍ଟର୍ଲିଂ ଛକ ନିକଟରେ ଚାଲିଥିବା ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଦେଖଣାହାରୀ ବିଶେଷକରି ପିଲାମାନେ ବିଭିନ୍ନ ରାଜ୍ୟର ସାଇକେଲ ଚାଳକଙ୍କ ଦ୍ରୁତ ସାଇକେଲ ଚାଳନା ଦେଖିବା ସହ ସେମାନଙ୍କୁ ଉତ୍ସାହିତ କରୁଛନ୍ତି। ବିଭିନ୍ନ ବୟସ ବର୍ଗ ଓ ଇଭେଣ୍ଟରେ ଏହା ଅନୁଷ୍ଠିତ ହେଉଥିବାରୁ ପ୍ରତିଯୋଗିତା ମଧ୍ୟ ତୀବ୍ର ହେଉଛି, ଯାହା ଦର୍ଶକଙ୍କୁ ବେଶ୍ ଆନନ୍ଦ ଦେଉଛି। ପୁରୁଷ ଇଲାଇଟ ବର୍ଗରେ ପଞ୍ଜାବର ହର୍ଷବୀର ସିଂ ସେଖନ ସ୍ୱର୍ଣ୍ଣ, ଆ ର ଏ ସ୍ ପି ବି ର ଭିସାବଜିତ ସିଂ ରୌପ୍ୟ ଓ ଏସ୍‌ଏସ୍‌ସିବିର ଦୀନେଶ କୁମାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଇଲାଇଟ ମହିଳା ବର୍ଗରେ ପଞ୍ଜାବର ଜଶମିର କୌରସେଖନ ସ୍ୱର୍ଣ୍ଣ, ଆରଏସ୍‌ପିବିର ମେଘା ଗୁଗଡ ରୌପ୍ୟ ଓ ଏଆଇପିଏସ୍‌ସିବିର ମୋନିକା ଜାଟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

**ଦର୍ଶକଙ୍କୁ ଆକୃଷ୍ଟ କରୁଛି ଦ୍ରୁତ ଚାଳନା**

ପୁରୁଷ ୨୩ ବର୍ଷରୁ କମ୍ ବ୍ୟକ୍ତିଗତ ବର୍ଗରେ ଦିଲ୍ଲୀର ଅକ୍ଷର ତ୍ୟାଗୀ ସ୍ୱର୍ଣ୍ଣ, ରାଜସ୍ଥାନର ଗୌରାଙ୍ଗ ସିଂ ଗୌର ରୌପ୍ୟ ଓ ଚଣ୍ଡିଗଡର ଜୟ ଡୋଗ୍ରା ବ୍ରୋଞ୍ଜ, ମହିଳା ବର୍ଗରେ ରାଜସ୍ଥାନର ହର୍ଷୀତ ଜାଖର ସ୍ୱର୍ଣ୍ଣ, ମହାରାଷ୍ଟ୍ରର ଜୁଇ ନରକର ରୌପ୍ୟ ଓ ରାଜସ୍ଥାନର ମଞ୍ଜୁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସବ୍‌ଜୁନିୟର ବାଳକ ବ୍ୟକ୍ତିଗତ ବର୍ଗରେ ରାଜସ୍ଥାନର ରାମବତାର ଚିପ୍ପା ସ୍ୱର୍ଣ୍ଣ, ରାଜସ୍ଥାନର ମହାବୀର ଶରଣ ରୌପ୍ୟ, ମଣିପୁରର ଜେସିସ ଥୋକଚାମ ବ୍ରୋଞ୍ଜ, ବାଳିକା ବର୍ଗରେ ରାଜସ୍ଥାନର ଅଞ୍ଜଳି ଜାଖର ସ୍ୱର୍ଣ୍ଣ, ରାଜସ୍ଥାନର ରୁଖମଣୀ ରୌପ୍ୟ ଓ ତାମିଲନାଡୁର ଥବିଥା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ପ୍ରତିଯୋଗିତାକୁ ସଫଳ କରାଇବାକୁ ଜାତୀୟ ସାଇକ୍ଲିଂ ଆସୋସିଏସନର ସମ୍ପାଦକ ମନିନ୍ଦର ସିଂ ପାଲ୍, ଓଡିଶା ସାଇକ୍ଲିଂ ଆସୋସିଏସନର ସଭାପତି ମିନତୀ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ରାଉତ ଓ ସମସ୍ତ ସଦସ୍ୟ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଛନ୍ତି। ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଶ୍ରୀସେତୁ ତଳେ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ

**ପୁରୀ, ୯।୧୨(ସମିସ):** ରାଷ୍ଟ୍ରପତିଙ୍କ ପୁରୀ ଗସ୍ତର ପୂର୍ବ ରାତିରେ ପୁରୀରେ ଘଟିଥିଲା ହତ୍ୟାକାଣ୍ଡ। ଶ୍ରୀସେତୁ ତଳେ ଗତ ୩ ତାରିଖ ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାର ଶିକାର ହୋଇଥିଲେ ଖଣ୍ଡିଆବନ୍ଧର ସୁଦର୍ଶନ ସାହୁ (୪୫)। ୪ ତାରିଖରେ ରାଷ୍ଟ୍ରପତି ପୁରୀ ଆସୁଥିବା ବେଳେ ଭୋରୁ ଏହା ଜଣାପଡିବା ପରେ ସହରରେ ଚାଞ୍ଚଲ୍ୟ ଖେଳିଥିଲା। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସୌମ୍ୟରଞ୍ଜନ ଆଚାର୍ଯ୍ୟଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ଏଥିସହ ସୋମବାର ସୌମ୍ୟରଞ୍ଜନଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଛି ପୁଲିସ।

ପୁଲିସ ସୂଚନା ଅନୁଯାୟୀ, ମୃତ ସୁଦର୍ଶନଙ୍କର ମାର୍କେଟ ଛକରେ ଏକ ଜଳଖିଆ ଦୋକାନ ରହିଛି। ଗତ ୩ ତାରିଖ ରାତିରେ ସୁଦର୍ଶନ ଦୋକାନ ବନ୍ଦ କରିଥିଲେ। ହେଲେ ଘରକୁ ଯାଇ ନ ଥିଲେ। ତାଙ୍କ ସାଙ୍ଗ

**ପାଟିତୁଣ୍ଡକୁ ନେଇ ମୁଣ୍ଡରେ ପେଭର ବ୍ଲକ୍ ଛେଚି ଦେଇଥିଲେ**

**କ୍ରାଇମ ସିନ୍ ରିକ୍ରିଏସନ କଲା ପୁଲିସ**

ଖଣ୍ଡିଆବଗିଚାର ରାଜକିଶୋର ସାହୁ ଏବଂ କାଳିଆ ଶ୍ରୀସେତୁ ନିକଟ ବିଶେଶ୍ୱରୀ ମନ୍ଦିର ନିକଟରେ ମଦ୍ୟପାନ କରୁଥିଲେ। ଏହି ସମୟରେ ସେଠାରେ ସିଦ୍ଧମହାବୀରରେ ରହୁଥିବା ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲର ସୌମ୍ୟରଞ୍ଜନ ଆଚାର୍ଯ୍ୟ ପହଞ୍ଚିଥିଲେ। ସୌମ୍ୟରଞ୍ଜନ ପୁରୀରେ ରହି ବ୍ୟାଟେରୀ ଅଟୋ ଚଳାଉଥିଲେ। ସୌମ୍ୟରଞ୍ଜନ ମଧ୍ୟ ମଦ୍ୟପାନ କରି ଜଣେ ଦିବ୍ୟାଙ୍ଗକୁ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ସୁଦର୍ଶନ ଓ ତାର ଦୁଇ ସାଙ୍ଗ ପ୍ରତିକ୍ରିୟା ପ୍ରକାଶ କରିବା ସହ ସୌମ୍ୟରଞ୍ଜନଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ସୁଦର୍ଶନ ସୌମ୍ୟରଞ୍ଜନଙ୍କୁ ଆଘାତ କରିବାରୁ ସେ ଆହତ ହୋଇଥିଲେ। ଜବାବରେ ସୌମ୍ୟରଞ୍ଜନ ସୁଦର୍ଶନଙ୍କୁ ନିକଟରେ ପଡ଼ିଥିବା ପେଭର୍ ବ୍ଲକରେ ଆକ୍ରମଣ କରିଥିଲେ। ଫଳରେ ସୁଦର୍ଶନଙ୍କ ମୁଣ୍ଡ ଛେଚି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସମସ୍ତେ ସେଠାରୁ ପଳାଇ ଯାଇଥିଲେ। ରବିବାର ରାତିରେ ପୁଲିସ ଅଭିଯୁକ୍ତ ସୌମ୍ୟକୁ ଗିରଫ କରିଥିବା ବେଳେ ତା'ର ବ୍ୟାଟେରୀ ଅଟୋ, ୫ଟି ଭଙ୍ଗା ପେଭର୍ ବ୍ଲକ, ମୃତକ ଓ ଅଭିଯୁକ୍ତର ରକ୍ତ ଭିଜା ପୋଷାକ ଜବତ କରିଛି। ସୋମବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୁନୀଲ ପ୍ରଧାନ ସୂଚନା ଦେଇଛନ୍ତି।

## ଇକୋ ରିଟ୍ରିଟ୍ ପାଇଁ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା

**ପୁରୀ, ୯।୧୨(ସମିସ):** କୋଣାର୍କ ଇକୋ ରିଟ୍ରିଟ ପାଇଁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମସ୍ତ



ବିଭାଗ ସେମାନଙ୍କ କାର୍ଯ୍ୟକୁ ଶେଷ ପର୍ଯ୍ୟାୟକୁ ନେଇଛନ୍ତି। ତେବେ କୌଣସି କ୍ଷେତ୍ରରେ ଯେପରି କମି ନ ରହିଯାଏ ଓ ପର୍ଯ୍ୟଟକମାନେ ଏକ ସୁନ୍ଦର ଅନୁଭବ ନେଇ ପ୍ରତ୍ୟାବର୍ତ୍ତନ କରନ୍ତି ସେଥିପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କଲିବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ସ୍ୱଚ୍ଛତା, ପରିସ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷାରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, ଇଭେଣ୍ଟ ଦାୟିତ୍ୱ ନେଇଥିବା ଇ ଫ୍ୟାକ୍ଟର ଏଜେନ୍ସିର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ରକ୍ତ ବିଭକ୍ତୀକରଣ ମେସିନ ପାଇଁ ମନ୍ତ୍ରୀଙ୍କୁ ସ୍ମାରକପତ୍ର

**ପୁରୀ, ୯।୧୨(ସମିସ):** ଧର୍ମ ପର୍ଯ୍ୟଟନ ସହର ପୁରୀରେ ଥାଲାସେମିଆ ଓ ଚର୍କଟ ପୀଡ଼ିତଙ୍କ ପାଇଁ ସବୁ ସମୟରେ ମିଳୁନି ଆବଶ୍ୟକୀୟ ରକ୍ତ। ଏଣୁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ତୁରନ୍ତ ଏକ ରକ୍ତ ବିଭକ୍ତୀକରଣ ମେସିନ ଅବସ୍ଥାପିତ କରିବାକୁ ଓଡ଼ିଶା ଯୁବ ଚେତନା ସଂଗଠନ ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ କଳିଙ୍ଗ ବୈଶ୍ୟ ସଂଘ ସଂପାଦକ ଜୟଦେବ ନାୟକ ଓ ମିଶନ ଓଡ଼ିଶାର ସୌମ୍ୟରଞ୍ଜନ ପାତ୍ର ମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ମିଶ୍ର କହିଛନ୍ତି, ବିଗତ ତିନିମାସ ମଧ୍ୟରେ ପୁରୀ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ସରକାରଙ୍କ ନିକଟରେ ପଞ୍ଚମଥର ନିବେଦନ ରଖିଥିଲେ ହେଁ ଏଯାଏଁ ଏହା ଫଳପ୍ରସୂ ହୋଇନାହିଁ। ପୁରୀରେ ରକ୍ତ ବିଭକ୍ତି କରଣ ମେସିନ ଏକ ଜରୁରୀ ଆବଶ୍ୟକତା। ଏହା ସ୍ଥାପନ ହେଲେ ଗୋଟିଏ ରକ୍ତ ୟୁନିଟ୍‌ରୁ ପ୍ଲାଜମା ଓ ଲୋହିତ ରକ୍ତକଣିକା ଭଳି ରକ୍ତ ବିଭକ୍ତ ହୋଇ ହୋଇ ଅନେକ ରୋଗୀଙ୍କର ଆବଶ୍ୟକତା ମେଣ୍ଟାଇ ପାରିବ।

## ଡାଏଟ୍‌ର ପ୍ରଶିକ୍ଷଣ ପୂର୍ଣ୍ଣାଙ୍ଗ ଉଦ୍‌ଘାଟିତ




ପୁରୀ, ୯।୧୨(ସମିସ)

ପୁରୀ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ୍) ପକ୍ଷରୁ ସୋମବାର ଶିକ୍ଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ପୂର୍ଣ୍ଣାଙ୍ଗ' ଉଦ୍‌ଘାଟିତ ହୋଇଯାଇଛି। ଡାଏଟ୍ ଟ୍ରେନିଂ ହଲରେ ଏହି ଚତୁଃଦିବସୀୟ ପ୍ରଶିକ୍ଷଣ ଶିବିରକୁ ଡାଏଟ୍ ଅଧକ୍ଷ ସନ୍ତୋଷ କୁମାର ପରିଡ଼ା ଉଦ୍‌ଘାଟନ କରିଥିଲେ। ବହୁଶ୍ରେଣୀ ଓ ବହୁସ୍ତର ଶିକ୍ଷାଦାନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଜଣେ ଶିକ୍ଷକଙ୍କୁ ଏକକାଳୀନ ଦୁଇ ବା ତତୋଧିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବାକୁ ପଡ଼ିଥାଏ। ଏଭଳି ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ କେଉଁଭଳି ଶିକ୍ଷଣ କୌଶଳ ହାସଲ କରିବାକୁ ହେବ, ସେ ସମ୍ପର୍କରେ ଚାରିଦିନବ୍ୟାପୀ ସିଆର୍‌ସିସିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବହୁଶ୍ରେଣୀ ଓ ବହୁସ୍ତର ପରିସ୍ଥିତିର ପରିଚାଳନା ଏବଂ ସାମାଜିକ, ଆବେଗିକ ଓ ନୈତିକ ଶିକ୍ଷଣ ନିମନ୍ତେ ଯୋଜନା ପ୍ରସ୍ତୁତି ଦକ୍ଷତା ହାସଲ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଡାଏଟ୍ ଅଧକ୍ଷ ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

**ବହୁଶ୍ରେଣୀ ପରିଚାଳନା ଦକ୍ଷତା ହାସଲ କରିବେ ସିଆର୍‌ସିସି**

ଏହି ପ୍ରଶିକ୍ଷଣ ଶିବିରରେ ପୁରୀ ଜିଲ୍ଲାର ବ୍ରହ୍ମଗିରି, ଡେଲାଙ୍ଗ, କଣାସ, ଗୋପ, ନିମାପଡ଼ା, ପିପିଲି, ପୁରୀ ସଦର ଓ ସତ୍ୟବାଦୀ ବ୍ଲକରୁ ୧୩୭ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆର୍‌ସିସି) ଯୋଗ ଦେଇଛନ୍ତି। ଡାଏଟ୍‌ର ଶିକ୍ଷକ ପ୍ରଶିକ୍ଷକ ରାମକ୍ରିଷ୍ଣ ଦାସ, ରତିକାନ୍ତ ସାହୁ, ରାଜଶ୍ରୀ ମିଶ୍ର, ଜ୍ୟୋତିସ୍ମିତା ପାତ୍ର, ପ୍ରୀତି ପରିମିତା, ସ୍ୱାଗତିକା ପାଲ୍ ଓ ଅମୀୟ ରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଆର୍‌ସିସି ତଥା ସାଧନକର୍ମୀ ସସ୍ମିତା ତ୍ରିପାଠୀ, ବୈକୁଣ୍ଠନାଥ ବଳବନ୍ତରାୟ, ଗଣେଶ ନାୟକ, ଦେବାଶିଷ ବାହିନୀପତି, ରବୀନ୍ଦ୍ର କୁମାର ପରିଡ଼ା ଓ ପ୍ରସନ୍ନ କୁମାର ନାୟକ ପ୍ରଶିକ୍ଷଣ ପ୍ରଦାନ କରିବେ। ପ୍ରଶିକ୍ଷଣ ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରାମକ୍ରିଷ୍ଣ ଦାସ ଏହି ଶିବିର ଆୟୋଜନର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ।

## କୁରାଳ ପଞ୍ଚମୀ ଭଜନ ସମାରୋହ

**ପୁରୀ, ୯।୧୨(ସମିସ):** ପବିତ୍ର କୁରାଳ ପଞ୍ଚମୀ ଅବସରରେ କୁମ୍ଭାରପଡା ଯୁବ ପରିଷଦ ପକ୍ଷରୁ ରବିବାର ୧୫ତମ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏହାକୁ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା କୁରାଳ ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା, ପୁରୀ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ଅନିଲ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବାଦଲ କୁମାର ବେହେରା, ପୂର୍ବତନ କାଉନସିଲର ସୁଦର୍ଶନ ସାହୁ, ଅଠର ନଳା ଉନ୍ନୟନ ମଣ୍ଡଳୀ ସମ୍ପାଦକ ବିକ୍ରମ ବରାଳ ଏବଂ ଯୁବ



ପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ। କୁମ୍ଭକାର ନିଯୋଗ ଉପଦେଷ୍ଟା ମହେନ୍ଦ୍ର ବିଶୋଇ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ନିଜ ନିଜର ମତ ପ୍ରଦାନ କରି କୁମ୍ଭକାରମାନଙ୍କ ସମାଜ ପ୍ରତି ଥିବା ଅବଦାନ ସମ୍ପର୍କରେ ଅବତାରଣା କରିବା ସହିତ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ବିଶେଷ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭୁବନେଶ୍ୱରର ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟାର କଳାକାରଙ୍କ ଦ୍ୱାରା ମନୋଜ୍ଞ ଭକ୍ତି ସଙ୍ଗୀତ ପରିବେଷଣ ସହିତ ଜଗତ୍‌ସିଂହପୁର ବାଲିକୁଦାରୁ ଆସିଥିବା ସାଇ କୃପା କଳା ବିକାଶ କେନ୍ଦ୍ରର ନୃତ୍ୟ ଶିଳ୍ପୀମାନେ ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ରଙ୍କ ଭକ୍ତି ସଙ୍ଗୀତ ଶ୍ରୋତାଙ୍କୁ ଆମୋହିତ କରିଥିଲା। ଗୁରୁ ଅଜୟ କୁମାର ପାଣୀ, ଶିବ ପ୍ରସାଦ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୈଳାସ ବିଶୋଇ, ପ୍ରକାଶ ଚନ୍ଦ୍ର ବିଶୋଇ, ଧୀରେନ୍ଦ୍ର ବିଶୋଇ, ବାନାମ୍ବର ବିଶୋଇ, ବେଣୁଧର ଦାସ, ସଞ୍ଜୟ ମୁଦୁଲି, କୈଳାସ ଚନ୍ଦ୍ର ବିଶୋଇ ପ୍ରମୁଖ ସହଯୋଗ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଦର୍ଶକ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ।

## ନିଖିଳ ଉତ୍କଳ ପାଟରା ସମିତିର ସାଧାରଣ ଅଧିବେଶନ ଉଦ୍‌ଯାପିତ

**ପୁରୀ, ୯।୧୨(ସମିସ):** ପୁରୀରେ ତିନିଦିନ ଧରି ଚାଲିଥିବା ନିଖିଳ ଉତ୍କଳ ପାଟରା ସମିତିର ୨୧୬ତମ ସାଧାରଣ ଅଧିବେଶନ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମିତି ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତା ଏହା ଅନୁଷ୍ଠିତ ହୋଇଥିଲା। ପାଟରା ପରିବାର ସଦସ୍ୟ ପୁରୀ ସାଂସଦ ଡା. ସମ୍ବିତ ପାତ୍ରଙ୍କୁ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ନାଥ ଖୁଣ୍ଟିଆ, ଉପସଭାପତି ସଞ୍ଜୟକୁମାର ପାତ୍ର, ଆଲୋକ କୁମାର ସାହୁ, ନିହାର ରଞ୍ଜନ ସାହୁ, ବଲ୍ଲଭ ଚନ୍ଦ୍ର ସାହୁ ଓ ଆର୍ତ୍ତତ୍ରାଣ ପାତ୍ର, ସମ୍ପାଦକ ମାୟାଧର ଦଲାଲ, ଭୁବନାନନ୍ଦ ମହାନ୍ତି, ସୌଭାଗ୍ୟ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ଓ ପ୍ରେମାନନ୍ଦ ସୁବୁଦ୍ଧି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାତ୍ର, ସମୀକ୍ଷକ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବରିଷ୍ଠ ମଦାର ଧରଣୀଧର ବେହେରା ଶପଥ ପାଠ କରାଇଥିଲେ। ଶପଥ ପାଠ କାର୍ଯ୍ୟକ୍ରମକୁ ଦ୍ୱିତୀୟ ମୁନୀବ ଅଜୟ କୁମାର ଚୌଧୁରୀ, ତୃତୀୟ ମୁନୀବ ଶେଷଦେବ ବେହେରା ଓ ଅଧିକାରୀଙ୍କ ପ୍ରତିନିଧି ଶିବ ପ୍ରସାଦ ସାହୁ ସଞ୍ଚାଳନ କରିଥିଲେ। ସମଗ୍ର ରାଜ୍ୟର ଚଉଦ ଚକଲାରୁ ୭୦୦ ପ୍ରତିନିଧି ଏଥିରେ ଯୋଗଦେଇ ଥିଲେ।

## କାର୍ଯ୍ୟରେ ଯୋଗଦେଲେ ଉପଜିଲ୍ଲାପାଳ

**ପୁରୀ, ୯।୧୨(ସମିସ):** ପୁରୀର ଉପଜିଲ୍ଲାପାଳ ଭାବେ ରାଜକିଶୋର ଜେନା ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଶ୍ରୀ ଜେନା ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନର ଡେପୁଟି କମିଶନର ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ପୁରୀର ଉପ ଜିଲ୍ଲାପାଳ ଥିବା ଗୋପୀନାଥ କୁଅଁରଙ୍କର ମହିଳା ଶିଶୁ ବିକାଶର ଯୁଗ୍ମ ସଚିବ ଭାବେ ବଦଳି ହୋଇଥିଲା।



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଇ-ରିକ୍ସା ଚାଳକଙ୍କ ବିକ୍ଷୋଭ

# ଗାଡ଼ି ଷ୍ଟାଣ୍ଡ ପ୍ରମୁଖ ଦାବି



ପୁରୀ, ୯।୧୨(ସମିସ)

ପୁରୀ ଏକ ସର୍ବଭାରତୀୟ ତୀର୍ଥସ୍ଥଳୀ ହୋଇଥିବାରୁ ଏହାକୁ ପ୍ରଦୂଷଣ ମୁକ୍ତ ରଖିବା ନିମନ୍ତେ ଶ୍ରୀକ୍ଷେତ୍ର ଇ ରିକ୍ସା ମଜଦୂର ସଂଘ ଗଠନ କରାଯାଇଥିଲା। ସଂଘରେ ସମସ୍ତ ଚାଳକ ପଞ୍ଜିକୃତ ହୋଇ ପୁରୀ ସହରରେ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଆସୁଛନ୍ତି। ହେଲେ ସରକାର ଚାଳକମାନଙ୍କ ଅନେକ ଦାବିକୁ ପୂରଣ କରିବାକୁ ସମର୍ଥ ହୋଇନାହାନ୍ତି। ତେଣୁ ଦାବିଗୁଡ଼ିକ ପୂରଣ ନିମନ୍ତେ ସୋମବାର ଶ୍ରୀକ୍ଷେତ୍ର ଇ ରିକ୍ସା ମଜଦୂର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ବସ୍ ଷ୍ଟାଣ୍ଡ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ କିଛି ସମୟ ବିକ୍ଷୋଭ କରିବା ପରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବି ମଧ୍ୟରେ ଇ ରିକ୍ସା ଚାଳକମାନଙ୍କ ନିମନ୍ତେ ଗାଡ଼ି ରଖିବା ଷ୍ଟାଣ୍ଡ ଘୋଷଣା କରାଯାଉ, ଚାଳକମାନଙ୍କୁ ଯିଏ ଦୁର୍ବ୍ୟବହାର କରୁଛି ସେମାନଙ୍କୁ ଦଣ୍ଡିତ କରାଯାଉ, ମହିଳା, ବୃଦ୍ଧ ଓ ଦିବ୍ୟାଙ୍ଗ ଚାଳକମାନଙ୍କୁ ମାର୍କେଟ ଛକରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯାଉ, ଜେଲ୍‌ରୋଡ, ବିଚ୍, ଲାଇଟ୍ ହାଉସ, ଦିଗବାରେଣୀ ପାର୍କିଂରେ ଗାଡି ରଖିବା ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ସଂଘର ରାଜ୍ୟର ନେତା ବସନ୍ତ କୁମାର ସାହୁ, ଜିଲ୍ଲାର ସଚ୍ଚିନନ୍ଦନ ଦାଶ, ଭବାନୀ ମିଶ୍ର, କମଳ ରଥ, ବିଭୁଦେନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି।



# ଦାରୁବିଗ୍ରହଙ୍କ ରଥ ପାଇଁ କାଠ ଅଭାବ

ନୟାଗଡ଼, ୯।୧୨(ସମିସ)

ଜଗତର ନାଥ ଜଗନ୍ନାଥ, ବଡ଼ଠାକୁର ପ୍ରଭୁ ବଳଭଦ୍ର ଓ ମାଆ ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରା ପାଇଁ ରଥକାଠ ସମସ୍ୟା ଦିନକୁ ଦିନ ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ପବିତ୍ର ଘୋଷଯାତ୍ରା ପାଇଁ ଆବଶ୍ୟକତା ଅନୁସାରେ ନୟାଗଡ଼ ବନଖଣ୍ଡରୁ ଦୀର୍ଘବର୍ଷ ଧରି କାଠ ଯୋଗାଇ ଦିଆଯାଉଥିବା ବେଳେ କିଛି ବର୍ଷ ହେବ ରଥକାଠ ସମସ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ବନଖଣ୍ଡ ଅଧିନସ୍ଥ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ଗଣିଆ ବ୍ଲକ ବଡ଼ରାଉଳ ପୀଠରେ ରଥକାଠ ଅନୁକୂଳ କରାଯାଇ ପରମ୍ପରାକୁ ବଞ୍ଚାଇ ରଖାଯାଇଥିବା ବେଳେ ବାସ୍ତବରେ ରଥକାଠ ଯୋଗାଣ ଦାୟିତ୍ୱ ୫ଟି ବନଖଣ୍ଡ ସମ୍ଭାଳୁଛନ୍ତି। ନୟାଗଡ଼ ବନଖଣ୍ଡ ସମେତ, ଘୁମୁସର ଉତ୍ତର, ଘୁମୁସର ଦକ୍ଷିଣ, ବୌଦ୍ଧ ଓ ରେଢ଼ାଖୋଲ ଡିଭିଜନ୍ ଏବେ ରଥପାଇଁ କାଠ ଯୋଗାଉଛନ୍ତି। ଗତ ୨୦୨୪ ମସିହା ରଥଯାତ୍ରା ପାଇଁ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଥିଲା। ସମିଲ ପାଇଁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ପଠାଇବା ପାଇଁ ଶ୍ରୀ ମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଏହି କାଠ ଗୁଡ଼ିକ ମଧ୍ୟରେ ୧୨ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଅସନ

**● ଆବଶ୍ୟକତା ମେଣ୍ଟାଉଛନ୍ତି ୫ ବନଖଣ୍ଡ**

୨୧୭ ଖଣ୍ଡ, ୧୨ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଧଉରା ୨୩୨ ଖଣ୍ଡ, ୨୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଅସନ ୮୨ ଖଣ୍ଡ, ୨୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଧଉରା ୮୮ ଖଣ୍ଡ, ୨୦ ଫୁଟ ଲମ୍ବ ୪ ଫୁଟ ଚଉଡ଼ା ଧଉରା ୧୨ ଖଣ୍ଡ, ୨୦ ଫୁଟ ଲମ୍ବ ୬ ଫୁଟ ଚଉଡ଼ା ଧଉରା ୬ ଖଣ୍ଡ, ୪୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଅସନ ୩୦ ଖଣ୍ଡ, ୪୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଧଉରା ୪୩ ଖଣ୍ଡ, ୪୦ ଫୁଟ ଲମ୍ବ ୩.୬ ଫୁଟ ଚଉଡ଼ା ଧଉରା ୨୧ ଖଣ୍ଡ, ୪୦ ଫୁଟ ଲମ୍ବ ୪ ଫୁଟ ଚଉଡ଼ା ଧଉରା ୬ ଖଣ୍ଡ, ୧୪ ଫୁଟ ଲମ୍ବ ୬ ଫୁଟ ଚଉଡ଼ା ଫାଶି ୭୨ ଖଣ୍ଡ, ୧୪ ଫୁଟ ଲମ୍ବ ୬ ଫୁଟ ଚଉଡ଼ା ଶିମୁଳି ୩ ଖଣ୍ଡ ଆବଶ୍ୟକତା ରହିଥିଲା। ରଥଯାତ୍ରା ପାଇଁ ଓ ମିଲ ଏବଂ ରଥଖଳାକୁ ଗତବର୍ଷ ମୋଟ ୮୬୨ ଖଣ୍ଡ କାଠ ପଠାଯାଇଥିବା ସୂଚନା ମିଳିଛି। ଏହି କାଠ ମଧ୍ୟରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ୩୪୬ ଖଣ୍ଡ ପଠାଯାଇଥିବା ବେଳେ ବୌଦ୍ଧ ବନଖଣ୍ଡ ପକ୍ଷରୁ ୧୬୦ ଖଣ୍ଡ, ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ୧୨୪ ଖଣ୍ଡ, ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ୨୬ ଖଣ୍ଡ, ରେଢ଼ାଖୋଲ ବନଖଣ୍ଡ ପକ୍ଷରୁ ୨୦୫ ଖଣ୍ଡ କାଠ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ସମିଲକୁ ନୟାଗଡ଼ ବନଖଣ୍ଡରୁ ୧୫୪ ଖଣ୍ଡ, ବୌଦ୍ଧ ବନଖଣ୍ଡରୁ ୧୧୭ ଖଣ୍ଡ, ଘୁମୁସର ଉତ୍ତର ବନଖଣ୍ଡରୁ ୫୨ ଖଣ୍ଡ ଓ ରେଢ଼ାଖୋଲ ବନଖଣ୍ଡରୁ ୧୫୬ ଖଣ୍ଡ କାଠ ପଠାଯାଇଛି। ସେହିଭଳି ଭାବେ ରଥଖଳାକୁ ନୟାଗଡ଼ ବନଖଣ୍ଡରୁ ୧୯୨ ଖଣ୍ଡ, ବୌଦ୍ଧ ବନଖଣ୍ଡରୁ ୪୩ ଖଣ୍ଡ, ଘୁମୁସର ଉତ୍ତର ବନଖଣ୍ଡରୁ ୭୨ ଖଣ୍ଡ, ଘୁମୁସର ଦକ୍ଷିଣ ବନଖଣ୍ଡରୁ ୨୬ ଖଣ୍ଡ, ରେଢ଼ାଖୋଲ ବନଖଣ୍ଡରୁ ୪୯ ଖଣ୍ଡ ପଠାଯାଇଛି। ଶ୍ରୀ ଜଗନ୍ନାଥ ପ୍ରଶାସନ ପକ୍ଷରୁ ବିଗତ ଦୁଇ ଦଶନ୍ଧି ମଧ୍ୟରେ ନୟାଗଡ଼ ବନଖଣ୍ଡକୁ ଜଗନ୍ନାଥ ରଥକାଠ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ନୟାଗଡ଼ ବନଖଣ୍ଡରେ ଆବଶ୍ୟକତା ଅନୁସାରେ କାଠ ସଂଗ୍ରହ ହୋଇପାରୁନାହିଁ। ଯାହା ଫଳରେ ରଥକାଠ ପାଇଁ ନିକଟସ୍ଥ ବନଖଣ୍ଡ ଗୁଡ଼ିକ ଉପରେ ଚାପ ପଡୁଛି। ଏଭଳି ପରିସ୍ଥିତି ଲାଗି ରହିଲେ, ଆଗାମୀ କିଛି ବର୍ଷ ପରେ ରଥକାଠ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତା ୧୭ ତାରିଖ ରଥକାଠ ଅନୁକୂଳ ପାଇଁ ସ୍ଥିର ହୋଇଥିବା ବେଳେ ଏବର୍ଷ ମଧ୍ୟ ୫ ବନଖଣ୍ଡରୁ ରଥ କାଠ ଯୋଗାଇବା ପାଇଁ ବ୍ୟବସ୍ଥା ଚାଲିଥିବା ସୂଚନା ମିଳିଛି।

■ ପୌର ପରିଷଦରେ ନାହିଁ କାଞ୍ଜିଆହୁଦା

## ରାତି ହେଲେ ରାଜରାସ୍ତା ପାଲଟୁଛି ଗୁହାଳ



ନୟାଗଡ଼, ୯।୧୨(ସମିସ): ନୟାଗଡ଼ ସହରରେ ରାତି ହେଲେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବିପଦ ସୃଷ୍ଟି କରୁଛନ୍ତି ଗୋରୁଗାଇ ଆଉ ରାସ୍ତା ପାଲଟି ଯାଉଛି ଗୁହାଳ। ଶହ ଶହ ସଂଖ୍ୟାରେ ଗୋରୁ ଗାଇ ରାସ୍ତାରେ ଶୋଇ ରହିବାରୁ ରାତିରେ ଯାଉଥିବା ଯାନବାହାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାଗଡ଼ ସହରର ଖଣ୍ଡପଡ଼ା ରୋଡ, ଟ୍ରାଫିକ ଛକ, ତ୍ରିନାଥ ଛକ, ସିନ୍ଦୁରିଆ ରୋଡ ଆଦିରେ ମାଳ ମାଳ ବୁଲା ଗାଇ, ଗୋରୁ, ଷଣ୍ଢ ଦେଖାଯାଉଛି। ରାସ୍ତାରେ ଗୋରୁଗାଇ ଶୋଉଥିବାରୁ ଛୋଟମୋଟ ଦୁର୍ଘଟଣା ଘଟୁଥିବା ବେଳେ ଯାନବାହାନ ଚାଳକମାନେ ମଧ୍ୟ ସମସ୍ୟାରେ ପଡୁଛନ୍ତି। ନୟାଗଡ଼ ସହର ଆଖପାଖ ଗ୍ରାମର ଲୋକ ଖୋଲାଖୋଲି ଭାବେ ପଶୁଜନ୍ତୁଙ୍କୁ ବାହାରକୁ ଛାଡ଼ି ଦେଉଥିବାରୁ ଏଭଳି ସ୍ଥିତି ଉପୁଜୁଛି। ପୌର କର୍ତ୍ତୃପକ୍ଷ ବୁଲା ଗାଇ, ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖିବା ସହ ଏହାର ମାଲିକକୁ ଧରି ଜରିମାନା ଆଦାୟ କରିବା କଥା। କିନ୍ତୁ ନୟାଗ? ପୌର ପରିଷଦ କର୍ତ୍ତୃପକ୍ଷ ସେଭଳି କରୁଥିବା ପ୍ରାୟତଃ ଦେଖାଯାଏ ନାହିଁ। ପୂର୍ବରୁ ଖଣ୍ଡପ?ା ରୋଡ ଆରଏମସି ନିକଟରେ ଏକ ବ? କାଞ୍ଜିଆହୁଦା ନିର୍ମାଣ କରାଯାଇଥିଲା। ସେଠାରେ ବେଳେ ବେଳେ ବୁଲା ଗାଇ, ଗୋରୁଙ୍କୁ ନେଇ ପ୍ରଶାସନ ଛା?ୁଥିଲା। କିନ୍ତୁ ବିଗତ କିଛି ବର୍ଷ ହେବ ଉକ୍ତ କାଞ୍ଜିଆହୁଦା ମାଟିରେ ମିଶିଛି। ଏହାର ଆଉ କେ?ଣସି ଚିହ୍ନବର୍ଣ୍ଣ ନାହିଁ। ସେଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ(ଡିଆଇପିଆରଓ) କୋଠା ଛି?। ହୋଇଛି। ଏହା ଡିଆଇପିଆରଓ କର୍ତ୍ତୃପକ୍ଷଙ୍କୁ ଜାଗା ହୋଇଥିବାରୁ ସେମାନଙ୍କ କାର୍ଯ୍ୟାଳୟ ନିର୍ମାଣ ପରେ ସେମାନେ ତାଙ୍କ ଅକ୍ତିଆରକୁ ନେଇଗଲେ। ଜିଲ୍ଲା ସଦର ମହକୁମାରରେ ଏଭଳି ସ୍ଥିତି ହୋଇଥିବା ବେଳେ ଅନ୍ୟ ସହରାଞ୍ଚଳ କଥା ନକହିବା ଭଲ। ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ନୟାଗ? ପୌର କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ମତ ପ୍ରକାଶ ପାଇଛି।

## ୨ ବାଇକ୍ ମୁହାଁମୁହିଁ ଧକ୍କା; ୪ ଗୁରୁତର

ଓଡ଼ଗାଁ, ୯।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଠାରୁ ଭଞ୍ଜନଗର ଯାଇଥିବା ୨୧ ନମ୍ବର ରାଜ୍ୟ ରାଜପଥର କୋମଣ୍ଡ କଇଁଆ ଖାଲଠାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଭିନ୍ନକ୍ଷମ ଭାଇ ସହିତ ଭଉଣୀ, ପୁତୁରା ଏବଂ ଅନ୍ୟ ବାଇକ୍ ଚାଳକ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ରୋହିବାଙ୍କ ବାଘୁଆଛକର ସୀତାରାମ ସେନାପତିଙ୍କ ଉଦ୍ୟମରେ ସାଥି ଗୋବିନ୍ଦ ନାୟକଙ୍କ ବୋଲେରୋରେ ବାଦଭୁଇଁର ଛବି ନାୟକଙ୍କ ସହଯୋଗରେ ଗୁରୁତରମାନଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ସେମାନଙ୍କ ଅବସ୍ଥା ଉଦବେଗଜନକ ଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଗୁରୁତର ମାନେ ହେଲେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ଅଳଶୁ ନିକଟ ଖଇରଝୋଲ୍ଲା ଗାଁର ବାକ୍ ଓ ଶ୍ରବଣବାଧିତ ରଙ୍କ ନାୟକ(୩୦), ପୁତୁରା ରାଜେଶ ନାୟକ ଏବଂ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୋମଣ୍ଡ ନିକଟ ବାଦଭୁଇଁ ଗାଁରେ ବିବାହ କରିଥିବା ଭଉଣୀ ସରସ୍ୱତୀ ନାୟକ ଏବଂ ଅନ୍ୟ ବାଇକ ଚାଳକ ଓଡ଼ଗାଁ ନିକଟ ଟାଙ୍ଗୀଆ ସାହିର ଚନ୍ଦ୍ରକାନ୍ତ ଖିଲାର (୨୧)।

## ବାଘ ମୃତ୍ୟୁ ଘଟଣାରେ ଆଉ ଦୁଇ ଶିକାରୀ କୋର୍ଟ ଚାଲାଣ

ଖଣ୍ଡପଡ଼ା, ୯।୧୨(ସମିସ): ଖଣ୍ଡପଡ଼ା ବନାଞ୍ଚଳର ସିଂଘାପଡ଼ା ସେକ୍ସନ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ କଲରା ପତରିଆ ବାଘର ଶିକାର ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ରବିବାର ଅଟକ ଥିବା ଆଉ ଦୁଇ ଅଭିଯୁକ୍ତ ସିଂଘାପଡ଼ା ପଞ୍ଚାୟତ ଅଧୀନ ରୂପାପଲ୍ଲୀ ଗ୍ରାମର ସୁରେଶ ବରାଡ଼ (୪୫) ଓ ପ୍ରଭାକର ବେହେରା (୩୫)ଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ସେମାନଙ୍କୁ ଜାମିନ ନା ମଞ୍ଜୁର ହେବାରୁ ଖଣ୍ଡପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ ବନବିଭାଗ କର୍ମଚାରୀ ମାନେ ରବିବାର ଦିନ ସିଂଘାପଡ଼ା ଅଞ୍ଚଳରୁ ଦୁଇ ବ୍ୟକ୍ତିଙ୍କୁ ଉଠାଇ ଆଣି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଟକ ରଖି ଅଧିକ ତଦନ୍ତ ଚଳାଇଥିଲେ।

# ଗାଁ ଗାଁରେ ଦଲାଲ, ବିଲ ମୁଣ୍ଡରୁ ଚାଷୀ ବିକୁଛି ଧାନ

ନୟାଗଡ଼, ୯।୧୨(ସମିସ): ନୟାଗଡ଼ ଜିଲ୍ଲାରେ ଧାନ ମଣ୍ଡି ଡିସେମ୍ବର ୨୭ ତାରିଖରେ ଆରମ୍ଭ ହେବ। ପ୍ୟାକ୍ସରେ ଧାନକିଣା ଆରମ୍ଭ ହେବା ବେଳକୁ ଜାନୁୟାରୀ ହୋଇଯିବ। ଏବେ ବିଲରୁ ଧାନ ଅମଳ ଜୋରସୋରରେ ଚାଲିଥିବା ବେଳେ ସରକାର ଡିଜିଟାଲ ସର୍ଭେ କରି ଫିଲ୍ଡ ଭେରିଫିକେସନ୍ କରୁଛନ୍ତି। ଯାହାକୁ ନେଇ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଥିବା ଦେଖାଯାଇଛି। ଚାଷୀମାନେ ବିଲ ମୁଣ୍ଡରୁ ହିଁ ଧାନ ବିକ୍ରି କରି ଦେଉଥିବା ଦେଖାଯାଇଛି। ଧାନ ଅମଳ ପାଇଁ ଶ୍ରମିକ ପାଉଣା, ଟ୍ରାକ୍ଟର ଭଡ଼ା ଦେବାକୁ ଚାଷୀ ପାଖରେ ଅର୍ଥର ଅଭାବ ଲାଗି ରହିଥିବାରୁ ସେ ଅମଳ ଧାନକୁ ତତକ୍ଷଣାତ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏହି ଧାନକୁ କିଣିବା ପାଇଁ ଗାଁ ଗାଁରେ ଦଲାଲ ମାତିଛନ୍ତି। ଗାଁ ଗହଳିରୁ କ୍ୱିଣ୍ଟାଲ ପିଛା ୧୯ ଶହ ଟଙ୍କାରେ ଧାନ କିଣା ଯାଉଥିବା ବେଳେ ଏହାକୁ ଅନ୍ୟ ଜିଲ୍ଲାକୁ ଚାଲାଣ କରାଯାଉଛି। ଗତକାଲି ଗଣିଆ ନିକଟରେ ଏକ ଧାନ ବୋଝେଇ ଟ୍ରକରେ ନିଆଁ ଲାଗିଯିବା ପରେ ଏହି ଘଟଣାର ସତ୍ୟତାକୁ ପ୍ରଶାସନ ଏଡ଼ାଇ ପାରିବ ନାହିଁ ବୋଲି ଆଲୋଚନା ହେଉଛି। ପ୍ରତ୍ୟହ ରାତିରେ ନୟାଗଡ଼

**● ଜିଲ୍ଲା ବାହାରକୁ ନିୟମିତ ହେଉଛି ଚାଲାଣ**

ଜିଲ୍ଲାରୁ ଶତାଧିକ ଟ୍ରକ ଧାନ ଅନ୍ୟ ଜିଲ୍ଲାକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାରେ ୫୩ ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଜିଲ୍ଲାରେ ସରକାରଙ୍କ ପକ୍ଷରୁ ୧୩ରୁ ୧୮ ହଜାର କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନକିଣା ଯାଉଥିବା ବେଳେ ଜିଲ୍ଲାରେ ୩୦ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଉତ୍ପାଦନ ହେଉଛି। ବଳକା ଧାନରୁ ଚାଷୀ ନିଜେ କିଛି ଖାଇବା ପାଇଁ ରଖୁଥିବା ବେଳେ ଜିଲ୍ଲାରେ ପ୍ରତ୍ୟେକ ବର୍ଷ ୧୦ ହଜାର କ୍ୱିଣ୍ଟାଲ ଧାନ ଅଭାବୀ ବିକ୍ରି ହେଉଛି। ଏହି ଧାନ ପୂର୍ବେ ରାଜ୍ୟ ବାହାରକୁ ଯାଉଥିବା ବେଳେ ଚଳିତ ବର୍ଷ ଦଲାଲମାନେ ଧାନକୁ ଜିଲ୍ଲା ପାର କରି ସରକାରଙ୍କ ପକ୍ଷରୁ କରାଯାଇଥିବା ଇନପୁଟ୍ ସହାୟତା ରାଶି ହଡ଼ପ କରିବା ଯୋଜନାରେ ରହିଛନ୍ତି। ଆଗୁଆ ଚାଷୀଙ୍କଠାରୁ କମ ମୂଲ୍ୟରେ ଧାନ କିଣି ଏହାକୁ ଅନେକ ଚାଷୀଙ୍କ ଟୋକନ କିଣି ବିକ୍ରି କରିବା ଆଶାରେ ରହିଛନ୍ତି। ଫଳରେ ପରୋକ୍ଷରେ ଦଲାଲ କ୍ୱିଣ୍ଟାଲ ପିଛା ୭ ଶହରୁ ଉର୍ଦ୍ଧ୍ୱ ଟଙ୍କା ଲାଭ କରିବା ଆଶାରେ ଅଛନ୍ତି। ଏହି କାରବାର ରୋକିବା ପାଇଁ ଯୋଗାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟି ଓ ସମବାୟ ବିଭାଗ ସମେତ ଜିଲ୍ଲା ପ୍ରଶାସନ ସଜାଗ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

■ ଭଏସ୍ ଅଫ୍ ନୟାଗଡ଼ ସେମିଫାଇନାଲ

# ଫାଇନାଲରେ ୧୦ ଯୁବ କଣ୍ଠଶିଳ୍ପୀ



ନୟାଗଡ଼, ୯।୧୨(ସମିସ): ନୟାଗଡ଼ ଜିଲ୍ଲାର ସର୍ବବୃହତ ସଙ୍ଗୀତ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼ ସିଜନ୍-୫ର ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଉଦଘାଟନ କରିଥିଲେ। ନୟାଗଡ଼ କ୍ଲବର ସଭାପତି ଅଶୋକ କୁମାର ନାୟକ, ସମ୍ପାଦକ ଶ୍ରୀଧର ସାହୁ, ସଦସ୍ୟ ଅରୁଣ କୁମାର ମହାନ୍ତି, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ, ମିହିର ରଞ୍ଜନ ନାୟକ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାସ୍ତରୀୟ ସେମିଫାଇନାଲ ପ୍ରତିଯୋଗିତାରେ ୧୯ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ପ୍ରତିଯୋଗୀମାନେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବେ ବରିଷ୍ଠ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ, ସୁରଗନ୍ଧର୍ବ ନବକିଶୋର ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ପୀତବାସ ଖଟେଇ ଯୋଗଦେଇ ୧୯ ଜଣ ଯୁବ କଣ୍ଠଶିଳ୍ପୀଙ୍କ ମଧ୍ୟରୁ ବିଷ୍ଣୁପ୍ରିୟା ବେହେରା, ଅମ୍ରିତା ରଥ, ଜଗନ ବେହେରା, ଓମକାର ମହାପାତ୍ର, ଲକ୍ଷ୍ମୀପ୍ରିୟା ନାୟକ, ରୁଦ୍ରାଂଶୀ ଆଚାର୍ଯ୍ୟ, ଶୁଭଶ୍ରୀ ସ୍ୱାଇଁ, ଲିପ୍ସାରାଣୀ ପଣ୍ଡା, ସ୍ନେହା ପ୍ରିୟଦର୍ଶିନୀ, ଆଦିତ୍ୟ ଗୁମାନ ସିଂ ୧୦ ଜଣଙ୍କୁ ଫାଇନାଲ ପର୍ଯ୍ୟାୟକୁ ଚୟନ କରିଥିଲେ। ଆସନ୍ତା ୨୨ ତାରିଖରେ ଫାଇନାଲ ପ୍ରତିଯୋଗିତା ମାଧ୍ୟମରେ ଶ୍ରେଷ୍ଠ ଯୁବ କଣ୍ଠଶିଳ୍ପୀଙ୍କୁ 'ଭଏସ୍ ଅଫ୍ ନୟାଗଡ଼' ଭାବେ ଚୟନ କରାଯିବା ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଷ୍ଟେଟ୍‌ବ୍ୟାଙ୍କର ବିତ୍ତୀୟ ସାକ୍ଷରତା ଶିବିର

ଓଡ଼ଗାଁ, ୯।୧୨(ସମିସ): ନୟାଗଡ଼ ଜିଲ୍ଲା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓଡ଼ଗାଁ ଶାଖା କାର୍ଯ୍ୟାଳୟରେ ବିତ୍ତୀୟ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ପ୍ରବନ୍ଧକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅଗ୍ରଣୀ ବ୍ୟାଙ୍କ ନୟାଗଡ଼ ଶାଖାର ବିତ୍ତୀୟ ସାକ୍ଷରତା ପରାମର୍ଶଦାତା ରବୀନ୍ଦ୍ର କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଡିଜିଟାଲ ମୁଦ୍ରାର ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବା ସହିତ କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ମାଧ୍ୟମରେ ବିମାଧାରୀମାନେ କିପରି ଲାଭାନ୍ୱିତ ହୋଇପାରିବେ, ସେ ସମ୍ପର୍କରେ ବୁଝାଇବା ସହିତ ଡିଜିଟାଲ ଠକେଇର ଶିକାର ନହେବାକୁ ଅନେକ ଉପାୟ ବତାଇ ଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଇ-ରୁପି ଆପ୍ ଦ୍ୱାରା ଡିଜିଟାଲ ମୁଦ୍ରାର ବ୍ୟାପକ ବ୍ୟବହାର ସମ୍ପର୍କରେ ବୁଝାଇ ଥିଲେ। ଶିବିରରେ ଛାତ୍ରଛାତ୍ରୀ, ବ୍ୟବସାୟୀ ତଥା ବିଭିନ୍ନ ବର୍ଗର ପ୍ରାୟ ୬୦ ଜଣ ଅଂଶଗ୍ରହଣ କରିଥିଲେ।

## ଦକ୍ଷତାବିକାଶ ତାଲିମ କାର୍ଯ୍ୟକ୍ରମ

ଓଡ଼ଗାଁ, ୯।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସଭାଗୃହରେ ସମ୍ମାନିତ ଶିଶୁ ବିକାଶ ସେବା ଯୋଜନା ଏବଂ ସେଣ୍ଟର ଫର୍ କାଟାଲାଇଜିଂ ଚେଞ୍ଜ(ସି ୩)ର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଦସ୍ୟଙ୍କୁ ନେଇ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା କେନ୍ଦ୍ରରୁ ସତ୍ୟ ନାରାୟଣ ଦାସ, ଓଡ଼ଗାଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କବିତା କୁମାରୀ ପ୍ରଧାନ, ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ଲହଡ଼ିମାଳା ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ଗ୍ରାମପଞ୍ଚାୟତ ଅଧିକାରୀ ବିଶ୍ୱଜିତ ପ୍ରଧାନ, ଜିଲ୍ଲା ଅଧିକାରୀ ସୁକେଶ ମିର୍ଦ୍ଧାଙ୍କ ସମେତ ଶିଶୁ ସୁରକ୍ଷା ସୁପରଭାଇଜର ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିଶୁ ସୁରକ୍ଷା, ବାଲ୍ୟବିବାହ ନିରାକରଣ ଏବଂ ଶିକ୍ଷାଠାରୁ ଦୂରେଇ ଯାଉଥିବା ପିଲାମାନଙ୍କୁ ଶିକ୍ଷା ସହ ଯୋଡ଼ିବା ଓ ବାଲ୍ୟବିବାହକୁ ରୋକିବା ନିମନ୍ତେ ପ୍ରତ୍ୟେକ ସ୍ଥଳରେ କିପରି ଉପଯୁକ୍ତ ପଦକ୍ଷେପ ନିଆଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା।

# ନୂତନ ବିଡ଼ିଓଙ୍କ ଯୋଗଦାନ



ଭାପୁର, ୯।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ନୂତନ ବିଡିଓ ଭାବେ ସାରଦା ପ୍ରସନ୍ନ ପଣ୍ଡା ସୋମବାର ଯୋଗଦାନ କରିଛନ୍ତି। ସେ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ବିଡିଓ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ତାଙ୍କୁ ଆଜି ଭାପୁର ବ୍ଲକ ପ୍ରଶାସନ, ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କ ତରଫରୁ ସ୍ୱାଗତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ପଣ୍ଡାଙ୍କ ବଦଳି କିଛି ଦିନ ହେଲା ଭାପୁର ବ୍ଲକକୁ ହୋଇଥିଲେ ହେଁ ଯାଜପୁର ଜିଲ୍ଲା ପ୍ରଶାସନ କୌଣସି କାରଣରୁ ତାଙ୍କୁ ରିଲିଭ କରୁନଥିଲା। ଭାପୁର ବ୍ଲକରେ ବିଡିଓ ଓ ଏବିଡିଓ ପଦବୀ ଖାଲି ରହିଥିବାରୁ ଏଠାରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବର୍ତ୍ତମାନ ନୂତନ ଭାବେ ଯୋଗଦେଇଥିବା ବିଡିଓ ଭାପୁର ବ୍ଲକରେ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ବୁଦ୍ଧିଜୀବୀ ମାନେ ଆଶା କରିଛନ୍ତି।

# ମହିଳା ହିଂସା ବିରୋଧି ସଚେତନତା ଶିବିର

ନୟାଗଡ଼, ୯।୧୨(ସମିସ)

ନୟାଗଡ଼ ଜିଲ୍ଲାରେ ମହିଳାମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ସେବା ଆନୁକୂଲ୍ୟରେ ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହାୟତାରେ ଆରମ୍ଭ ହୋଇଥିବା ଶୋହଳ ଦିବସୀୟ ମହିଳା ହିଂସା ବିରୋଧୀ ସଚେତନତା ଅଭିଯାନର ପଞ୍ଚଦଶ ଦିବସରେ ନଡିଆଳି ଗ୍ରାମପଞ୍ଚାୟତ ଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ସେବା ଶକ୍ତି ସଦନ ଓ ସେବା ପରିବାର ପରାମର୍ଶ କେନ୍ଦ୍ର ପ୍ରକଳ୍ପ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ସୁରକ୍ଷା ଅଧିକାରୀ ଜୟଶ୍ରୀ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର, କାଳିକାପ୍ରସାଦ ସେକ୍ଟରର ସୁପରଭାଇଜର୍ ଲକ୍ଷ୍ମୀପ୍ରିୟା ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଘରୋଇ ହିଂସା, ବାଲ୍ୟ ବିବାହ, କାର୍ଯ୍ୟ କ୍ଷେତ୍ରରେ ଯୌନ ଉତ୍ପୀଡନ ଓ ତାହାର ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶକ୍ତି ସଦନର ପରାମର୍ଶଦାତା ବିନୋଦିନୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେବା ପରିବାର ପରାମର୍ଶ କେନ୍ଦ୍ରର ପରାମର୍ଶଦାତା ରମେଶ ଚନ୍ଦ୍ର ପ୍ରଧାନ ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରାମର୍ଶଦାତ୍ରୀ ସରିତା ଆଚାର୍ଯ୍ୟ ଶିବିରାର୍ଥୀ ମାନଙ୍କୁ ମହିଳା ହିଂସା ରୋକିବା ପାଇଁ ଶପଥ ପାଠ କରାଇଥିଲେ। ସେବା ପରିବାର ପରାମର୍ଶ କେନ୍ଦ୍ରର ଅନ୍ୟତମ ପରାମର୍ଶଦାତ୍ରୀ ସୁଚିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ସମୁଦାୟ ପଚାଶ ଜଣ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଆଡଭିକାର କିଶୋରୀ ବାଳିକା ମାନେ ଯୋଗ ଦେଇଥିଲ।




## ରାସ୍ତା ନିର୍ମାଣ ଅଧପନ୍ତରିଆ; ଘଟୁଛି ଦୁର୍ଘଟଣା

ଖଣ୍ଡପଡ଼ା, ୯।୧୨(ସମିସ): ଖଣ୍ଡପଡ଼ାରୁ ଫତେଗଡ଼ ପ୍ରାୟ ୨୦ କିଲୋମିଟର ବିଶିଷ୍ଟ ଏହି ରାସ୍ତା ପାଇଁ ଦୁଇଟି ପର୍ଯ୍ୟାୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିଷ୍ପତି ହେବାପରେ କିଛି ମାସ ହେଲା କଚ୍ଛପ ଗତିରେ କାର୍ଯ୍ୟ ଚାଲୁ ରହିଛି। ଇତିମଧ୍ୟରେ ବାହାଡ଼ା ଛକ ନିକଟସ୍ଥ ପଦ୍ମ ପୋଖରୀ ଠାରୁ ବାହାଡ଼ା ଗ୍ରାମ ମଧ୍ୟରେ ତିନିଗୋଟି କଲଭର୍ଟର ଗୋଟିଏ ପାର୍ଶ୍ୱ ଖୋଳି ପକାଇ ରଖିଛି ଠିକାସଂସ୍ଥା। ଯାହା ଫଳରେ ବାଇକ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ମିଳିଥିବା ସୂଚନା ଅନୁଯାଇ ବାହାଡ଼ା ଗ୍ରାମ ନିକଟସ୍ଥ ଏକ ଅଧା ଖୋଳା କଲଭର୍ଟ ନିକଟରେ ବଡ ଧରଣର ସୁରକ୍ଷା ନିମିତ୍ତ ସତର୍କ ସୂଚନା ନ ଥିବାରୁ ବାହାଡ଼ା ଗ୍ରାମର କାହ୍ନୁ ଚରଣ ଦଳେଇ ଗତକାଲି ସନ୍ଧ୍ୟା ୭ଟାରେ ବାଇକ ଯୋଗେ ଘରକୁ ଫେରିବା ସମୟରେ ସେଠାରେ ଗଦା ହୋଇଥିବା ମାଟି ଗଦାରେ ତାଙ୍କ ବାଇକ ଧକ୍କା ହେବା ଫଳରେ ସେଠାରେ ସେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କର ହାତ ଭାଙ୍ଗିବା ସହ ମୁହଁରେ ଗଭୀର ଆଘାତ ପାଇଥିଲେ। ପ୍ରକାଶଥାଉକି ଏମଏସପି ଇନ୍‌ଆଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ଼ ଉକ୍ତ କାର୍ଯ୍ୟ କରୁଥିବା ବେଳେ ଏଭଳି ବେପାରୁଆ ମନୋଭାବ ଯୋଗୁଁ ସାଧାରଣ ଲୋକଙ୍କ ଧନଜୀବନ କ୍ଷୟକ୍ଷତି ହେଲେ ଏଥିପାଇଁ କିଏ ଦାୟୀ ରହିବ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ କିଭଳି ଅଧିକରୁ ଅଧିକ ସତର୍କ ସୂଚନା ଦିଆଯିବ ଉକ୍ତ ଠିକା ସଂସ୍ଥା ସହ ଆଲୋଚନା କରିବାକୁ କହିଛନ୍ତି। ତେବେ ଉକ୍ତ ସ୍ଥାନଗୁଡ଼ିକରେ ଏଭଳି ବାରମ୍ବାର ଦୁର୍ଘଟଣା ହେଉଥିବାରୁ ଠିକା ସଂସ୍ଥା ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବିଲରେ ପାଚିଲା ଧାନ; ଚିନ୍ତାରେ ଚାଷୀ

ଖୋର୍ଦ୍ଧା, ୯।୧୨(ସମିସ): ଚଳିତ ବର୍ଷ ଚାଷ ଆରମ୍ଭରୁ ଚାଷୀ କାନ୍ଦୁଛି। ଆରମ୍ଭରୁ ସ୍ୱଳ୍ପ ବର୍ଷା ଫଳରେ ଧାନଫସଲ ଏକ ପ୍ରକାର ବାଧାପ୍ରାପ୍ତ ହୋଇଥିଲା। ଚାଷୀ ଧାର ଉଧାର କରି ମଟର ଲଗାଇ ନଈ ନାଳରୁ ପାଣି ବୋହି ଯେଉଁକିଛି ଜମିର ଫସଲ ବଞ୍ଚାଇଛି, ତାକୁ ବି କାଟିଲା ବେଳକୁ ହାତୀ ଓ ବାର୍ହାଙ୍କ ଉତ୍ପାତ ସାଙ୍ଗକୁ ଦାଉ ସାଧିଲାଣି ବର୍ଷା। ଏବେ ସୁଦ୍ଧା ଜିଲ୍ଲାବ୍ୟାପି ପ୍ରାୟ ୩୭୦୦୦ ହେକ୍ଟର ଜମିରେ ପାଚିଲା ଧାନ ପଡ଼ି ରହିଛି।

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଚାଷୀକୁ ହହଗଞ୍ଜ କରିଛି। ଏମିତିକି ବିଲରେ ଧାନ ଥୋଡ଼ ଦେବା ସମୟରେ ବର୍ଷା ଅଭାବରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଆଉ ଯେଉଁ କିଛି ଜମିକୁ ଖର୍ଚ୍ଚାନ୍ତ ହୋଇ ପାଣି ମଡ଼ାଇ ଚାଷୀ ଧାନ ଫସଲ ବଞ୍ଚାଇଥିଲା, ତାହା ବି ଅମଳ ହେବ କି ନାହିଁ ଏବେ ସେ ଚିନ୍ତା ଘାରିଲାଣି।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂଚନା ଅନୁସାରେ, ଜିଲ୍ଲାବ୍ୟାପି ଆଜି ସୁଦ୍ଧା ପାଖାପାଖି ୬୫ହଜାର ହେକ୍ଟର ଜମିରେ ହୋଇଥିବା ଧାନଚାଷକୁ ଚାଷୀ ବାଡ଼ିକୁ ଆଣି ଅମଳ କରିବାରେ ସକ୍ଷମ ହୋଇଛି। ମାତ୍ର ଏବେ ବି ପ୍ରାୟ ୩୭ହଜାର ହେକ୍ଟର ଜମିରେ ଧାନଗଛ ରହିଛି। ଲଘୁଚାପ ଯୋଗୁଁ ଜିଲ୍ଲାରେ ଦୁଇଦିନ ହେବ କୋହଲା ପାଗ ସାଙ୍ଗକୁ ସ୍ଥାନେ ସ୍ଥାନେ ବର୍ଷା ହେଉଛି। ଜୋର ବର୍ଷା ହେଲେ ଧାନଗଛଗୁଡ଼ିକ ପଡ଼ିଯାଇ ପାଣିରେ ନଷ୍ଟ ହେବାର ଆଶଙ୍କା ଥିବାବେଳେ ଆଉକିଛି ଚାଷୀ ଧାନ କାଟି



ବାଡ଼ିରେ ରଖିଥିଲେ ମଧ ତାହା ପାଣିପଶି ନଷ୍ଟ ହେବାର ଭୟ ରହିଛି। ବର୍ଷା ଦେଖି ଚାଷୀଙ୍କ ନିଦ ହଜିଯାଇଛି। ବର୍ଷା ଥମିଲେ କିପରି ଧାନକୁ ସୁରକ୍ଷିତଭାବେ ଘରକୁ ଆଣିବ ଚାଷୀ ଚିନ୍ତା କରୁଛି। ଚାଷୀ କମଳକାନ୍ତ ବେହେରା କହିଛନ୍ତି ଯେ କାଲି ରାତିରୁ ଝିପି ଝିପି ବର୍ଷା ହେଉଛି। ବର୍ଷାକୁ ଦେଖି କଟାଧାନକୁ ଗଦା କରୁଛୁ। ସେହିପରି ଚାଷୀ ଅଭିମନ୍ୟୁ ଦାସଙ୍କ କହିବା କଥା ବର୍ଷା ଚାରିଆଡ଼େ ଦୁଇଦିନ ହେବ ଘୋଡ଼େଇ ରଖିଛି। ଧାନ ପାଚିଗଲାଣି ବର୍ଷା ଜୋର ହେଲେ ଫସଲ ଉଜୁଡିଯିବ। ଧାନକୁ ଦେଖି ବର୍ଷା କଥା ଭାବିଲେ କାନ୍ଦ ଲାଗୁଛି।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତିଙ୍କ କହିବା କଥା ଚାଷୀମାନେ କଟାଧାନକୁ ବିଲରେ ନଶୁଖାଇ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଅମଳ ସମ୍ଭବ ନହେଲେ ପଲିଥିନ ଘୋଡ଼ାଇ ରଖନ୍ତୁ। ପାଗ ଶୀଘ୍ର ଠିକ୍ ହୋଇଯିବ।

## ମାର୍କେଟରେ ଲାଗୁହେଲା ୧୬୩ ଧାରା

ଖୋର୍ଦ୍ଧା, ୯।୧୨(ସମିସ): ଆଲ୍‌ହାବାଦ ବ୍ୟାଙ୍କ ଛକ ଠାରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୁଣା ଟ୍ରାଫିକ୍ ଛକରୁ ସମବାୟ ବ୍ୟାଙ୍କ ଛକ, ପଞ୍ଚସଖା, ଲକ୍ଷ୍ମୀ ବଜାର, ସମବାୟ ବ୍ୟାଙ୍କଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଖୋର୍ଦ୍ଧା ପୌରାଞ୍ଚଳ ଅଧୀନରେ ଆସୁଥିବା ଏହି ଅଞ୍ଚଳକୁ ତହସିଲଦାର ବିଭାସ ପାଣିଗ୍ରାହୀ ୧୦ତାରିଖ ବିଏନ୍‌ଏସ୍ ଧାରା ୧୬୩ ଲାଗୁ କରିଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳରେ ଜନସାଧାରଣଙ୍କ ପ୍ରବେଶ ନିଷେଧ ଉପରେ କଟକଣା ଜାରି କରିଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ପରିବା, ଫଳ ଓ ଅନ୍ୟ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ। ଏହି ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ସମ୍ଭାବନା ରହିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ତହସିଲଦାରଙ୍କୁ ୧୬୩ ଲାଗୁ ପାଇଁ ଅନୁରୋଧ କରିଥିଲେ। ନିର୍ବାହୀ ଅଧିକାରୀଙ୍କ ଚିଠି କ୍ରମେ ତହସିଲଦାର ଏହି ଅଞ୍ଚଳକୁ ନିଷେଧାଦେଶ ଜାରି କରିଛନ୍ତି। ଅନ୍ୟପଟେ ପୌର ନିର୍ବାହୀ ଅଧିକାରୀଙ୍କ କ୍ରମେ ଉପଜିଲ୍ଲାପାଳ ଖୋର୍ଦ୍ଧା ତହସିଲଦାରଙ୍କ ସମେତ, ବେଗୁନିଆ ତହସିଲଦାର ତାପସ କୁମାର ବିଶି, ଖୋର୍ଦ୍ଧା ଆସିଷ୍ଟାଣ୍ଟ ତହସିଲଦାର ଡି ଗୋପାଳ ରେଡ୍ଡୀ ଓ ପି. ଭଞ୍ଜ ଉଚ୍ଛେଦ ସମୟରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ନିଯୁକ୍ତ କରିଛନ୍ତି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ ଫୋର୍ସ ମୁତୟନ ଲାଗି ଏସ୍‌ପିଙ୍କୁ ନିବେଦନ କରିଛନ୍ତି।

## ଗଞ୍ଜେଇ ଜବତ; ମହିଳା ଗିରଫ

ଖୋର୍ଦ୍ଧା, ୯।୧୨(ସମିସ): ଖୋର୍ଦ୍ଧା ଅବକାରୀ ପୁଲିସ ଆଦର୍ଶଥାନା ଜରିପୁଟ ଜାଗୁଳେଇପାଟଣା ସାହିରେ ଚଢ଼ଉ କରି ଜଣେ ମହିଳା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ସୁକାନ୍ତୀ ବେହେରା (୪୦)। ଅବକାରୀ ଟିମ୍ ତାଙ୍କଠାରୁ ୨କେଜି ଗଞ୍ଜେଇ ଭର୍ତି ଜରି ବ୍ୟାଗ ଜବତ କରିଛି। ସୂଚନା ଅନୁସାରେ, ସୁକାନ୍ତୀ ସୋମବାର ଏକ ଜରିବସ୍ତାରେ ଗଞ୍ଜେଇ ନେଇ ଘରକୁ ଯାଉଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଅପକାରୀ ପୁଲିସ ତାକୁ ଗିରଫ କରିଛି। ଏନେଇ ୮୯/୨୪ରେ ଏକ ମାମଲା ରୁଜୁ କରି ସୁକାନ୍ତୀଙ୍କୁ କୋର୍ଟଚାଲାଣ କରାଯାଇଛି।

## ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ, ୯।୧୨(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ କୋଲୁହା ପାଟଣା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ତପନ କୁମାର ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗଦେଇ ସଚେତନ କରାଇଥିଲେ । ପରେ ସିଲିଣ୍ଡର ଗ୍ୟାସ ନିଆଁ, ତୈଳ ନିଆଁ ଲିଭାଇବା ପାଇଁ ଫୋମ୍‌ର ବ୍ୟବହାର ଓ ପାଣିରେ ବୁଡ଼ି ଯିବା ସମୟରେ ସେଫ୍‌ଟି କିଟ୍ ଆଦି ବ୍ୟବହାର କରିବା ସମ୍ପର୍କରେ ଅଗ୍ନିଶମ କର୍ମଚାରୀ କୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ଯୋଗେଶ୍ୱର ପଣ୍ଡା, ମାନସ ରଞ୍ଜନ ପଣ୍ଡା ଓ ସୁବ୍ରତ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ବାଣପୁର ବ୍ଲକ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ



ବାଣପୁର, ୯ ।୧୨ (ସମିସ) : ବାଣପୁର ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଖଣତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଅନ୍ତର୍ଗତ ୧୪ଗୋଟି ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ନେଇ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି କୈଳାସ ଚନ୍ଦ୍ର ଲାଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରଧାନ, ଓଷ୍ଟା ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସଂପାଦକ ସୁଧାକର ମହାପାତ୍ର, ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶିଶିର କୁମାର ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ତରାଇ ପ୍ରମୁଖ ଯୋଗ ଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୮୦ ଜଣ ଛାତ୍ରଛାତ୍ରୀ ଆୟୋଜିତ ଗଳ୍ପ ରଚନା, କବିତା ରଚନା, ଜିକେ, କ୍ୱିଜ୍, ଏକକ ଅଭିନୟ ଓ ଏକକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ସାହିତ୍ୟିକ ପୁରୁଷୋତ୍ତମ ମହାପାତ୍ର, କବି ଦିଗମ୍ବର ବିଶ୍ୱାଳ ବିଚାରକ ମଣ୍ଡଳୀ ଭାବରେ ଯୋଗଦେଇ କୃତି ପ୍ରତିଯୋଗୀ ଚୟନ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ୨୦ଜଣ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଥିବା ବେଳେ ସେମାନେ ଆସନ୍ତା ୨୧ ତାରିଖରେ ରଘୁନାଥପୁର ହାଇସ୍କୁଲ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଗୀତାଞ୍ଜଳୀ ମହାନ୍ତି ଓ ବ୍ଲକ ସଂପାଦକ ଗତିକୃଷ୍ଣ ବିଶ୍ୱାଳ ପରିଚାଳନା କରିଥିଲେ।

## ମା’ ଭଗବତୀ ଓ ଶ୍ରୀରଙ୍କନାଥଙ୍କ ଓଢ଼ଣୀ ଲାଗି



ବାଣପୁର, ୯।୧୨(ସମିସ): ମାର୍ଗଶୀର ମାସ ଶୁକ୍ଳ ପକ୍ଷ ଓଢ଼ଣୀ ଷଷ୍ଠୀ ତିଥିରେ ଶ୍ରୀକ୍ଷେତ୍ରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଡ଼ଲାଗି ବେଶ ଅନୁଷ୍ଠିତ ହେବା ଭଳି ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀରଙ୍କନାଥ ଦେବ ଓ ଇଷ୍ଟଦେବୀ ମା ଭଗବତୀଙ୍କର ଓଢ଼ଣୀ ଲାଗି ତଥା ଘୋଡ଼ ଲାଗି ବେଶ ଅନୁଷ୍ଠିତ ହୋଇଯାଇଛି। ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଦେବଦେବୀଙ୍କୁ ଏହି ଦିନଠାରୁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଶୀତବସ୍ତ୍ର ପରିଧାନ କରାଇବାର ପରମ୍ପରା ଦେବଦେବୀଙ୍କ ମାନବୀୟ ଲୀଳାର ଅନ୍ୟତମ ପ୍ରତୀକ ଭାବେ କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ଯାହା ଘୋଡ ଲାଗି ଭାବେ ବେଶ ପରିଚିତ। ଧନୁସଂକ୍ରାନ୍ତି ଠାରୁ ମକରସଂକ୍ରାନ୍ତି ପର୍ଯ୍ୟନ୍ତ ଏକମାସ ଧରି ଶ୍ରୀରଙ୍କନାଥଦେବଙ୍କ ପୀଠରେ ସକାଳୁ ସକାଳୁ ପହିଲି ଭୋଗରେ ଘିଅ, ଅଦା, ହେଙ୍ଗୁରେ ପ୍ରସ୍ତୁତ ଖେଚେଡ଼ି, ଡାଲି, ବେଶର, ମହୁର, ଶାଗମୁଗ, ଆମ୍ବିଳ,ଖିରି, କାକରା, ଧନୁମୁଆଁ ଆଦି ସ୍ୱାଦିଷ୍ଟ ଅନ୍ନବ୍ୟଞ୍ଜନ ସହ ମିଷ୍ଟାନ୍ନ ପ୍ରତ୍ୟେହ ସକାଳୁ ପ୍ରସ୍ତୁତ କରାଯାଇ ଶ୍ରୀଜୀଉମାନଙ୍କ ଠାରେ ଅର୍ପଣ କରାଯାଇଛି। ପରେ ଭକ୍ତମାନଙ୍କୁ ପ୍ରଦାନ କରାଯାଉଥିବା ବେଳେ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଆରମ୍ଭ ହୋଇଯାଇଛି ଶୀତର ପ୍ରକୋପ। ଏଥିଲାଗି ବର୍ତ୍ତମାନ ଠାରୁ ଦୈନନ୍ଦିନ ପ୍ରଭୁ ଶ୍ରୀରଙ୍କନାଥ ଦେବ ଓ ମା’ ଭଗବତୀଙ୍କୁ ଶୀତରୁ ରକ୍ଷା ନିମନ୍ତେ ଦୈନନ୍ଦିନ ନୀତିକାନ୍ତି ପରେ ଗରମ ମଖମଲ କନାରେ ପ୍ରସ୍ତୁତ ଆପାଦ ମସ୍ତକ ଘୋଡ଼ଣୀ ପୋଷାକ ସହ ଶିରକା ପତା ଲାଗି କରାଯାଇ ବଡ଼ସିଂହାର ବେଶରେ ଘୋଡ଼ ଲାଗି ହୋଇ ରାତ୍ର ଧୂପ ଆଳତି ପରେ ପହୁଡ଼ ପଡ଼େ।

## ଗାଡ଼ି ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା, ୯।୧୨(ସମିସ): ଖୋର୍ଦ୍ଧା ସଦରଥାନା ୧୬ନଂ ଜାତୀୟ ରାଜପଥର କୁରାଢ଼ମଲ୍ଲ ଓଭରବ୍ରିଜ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅନ୍ତର୍ଗତ ପ୍ରକାଶ ନାୟକ(୨୭)। ସୂଚନା ଅନୁସାରେ, ପ୍ରକାଶ ଗତକାଲି ରାତିରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ତାଙ୍କ ବାଇକ୍‌ରେ ଫେରୁଥିଲେ। ଜାତୀୟ ରାଜପଥର କୁରାଢ଼ମଲ୍ଲ ଓଭରବ୍ରିଜ ଉପରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପୁଲିସ ୩୦୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମାଙ୍କଡ଼ା ବୋଝେଇ ଗାଡ଼ି ଜବତ; ଡ୍ରାଇଭର ଗିରଫ

ଖୋର୍ଦ୍ଧା, ୯।୧୨(ସମିସ): ଖୋର୍ଦ୍ଧା ସଦରଥାନା ୧୬ନଂ ଜାତୀୟ ରାଜପଥର କୁରାଢ଼ମଲ୍ଲ ଛକ ଠାରୁ ପୁଲିସ ଏକ ମାଙ୍କଡ଼ା ବୋଝେଇ ଗାଡ଼ି ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଛି। ଗିରଫ ଜଣକ ହେଲେ ବାଙ୍କୀଥାନା ଧନସରର ସୁକଦେବ ସାହୁ (୩୫)। ପୁଲିସ ସୂଚନା ଅନୁସାରେ, ସୁକଦେବ କାଲି ରାତିରେ ଏକ ଟ୍ରକ୍‌ରେ ପଥର ବୋଝେଇ କରି ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ପୁଲିସ ପାଟ୍ରୋଲିଂ ଗାଡ଼ି ଉକ୍ତ ଟ୍ରକ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିବାରେ ତାହା ବେଆଇନ ପଥର ବୋଲି ଜଣାପଡ଼ିବାରେ ଗାଡ଼ିକୁ ଜବତ କରିଥିଲା। ୩୦୭/୨୪ରେ ଏକ ମାମଲା ରୁଜୁ କରି ପୁଲିସ ଡ୍ରାଇଭରକୁ କୋର୍ଟ ଚାଲାଣ କରିଛି।

## କେନ୍ଦ୍ରୀୟ ବିଦ୍ୟାଳୟ ଚିଲିକାର ବାର୍ଷିକ କ୍ରୀଡ଼ା

ବାଲୁଗାଁ, ୯।୧୨ (ସମିସ): ନୌସେନା ତାଲିମ କେନ୍ଦ୍ର, ଚିଲିକାରେ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୌସେନା ତାଲିମ କେନ୍ଦ୍ର ନିବାରିଣୀ ଚିଲିକାର କମାଣ୍ଡିଂ ଅଫିସର ସର୍ଜନ କ୍ୟାପ୍ଟେନ ଅମିତ୍ ସେଠୀ, ସମ୍ମାନିତ ଅତିଥି ଭାବେ କମାଣ୍ଡର ନୀଳମ ଖଣ୍ଡପାଳ, ଲେଫ୍ଟନାଣ୍ଟ ଜୁହି, ନିବାରିଣୀର ଡା. ବାଣୀ ପୁରୀ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବର୍ତ୍ତମାନର ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ମହତ୍ୱ ଓ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଭିଷେକ ଯାଦବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ବନାମ ଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ କ୍ରିକେଟ୍ ମ୍ୟାଚ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ହୋଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।




## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଦିନିଆରୀ ଚାମ୍ପିଅନ



ବେଗୁନିଆ, ୯।୧୨(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ମା’ ତାରିଣୀ ଫୁଟବଲ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ପେନାଲଟିରେ ଦିନିଆରୀ ଦଳ ଚାମ୍ପିଅନ ହୋଇଛି। ଏଥିରେ ୮ଟି ଦଳ ବାଘମାରୀ, କୁରାଡ଼ିଲୋ, କୋଦୁଅବେରେଣି, ଦିନିଆରୀ, ପଙ୍ଗାରସିଂହ, କଣ୍ଟାମଣି, କୋଲୁହାପାଟଣା ଓ ମାଧପୁର ଦଳ ଭାଗ ନେଇଥିଲେ। ଶିକ୍ଷକ ତ୍ରିନାଥ ପରିଡ଼ା, ନିରଞ୍ଜନ ଛାଟୋଇ ଏବଂ ଓଏସ୍‌ପି ଯବାନ ଧର୍ମାନନ୍ଦ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ପଙ୍ଗାରସିଂହ ଓ ଦିନିଆରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଅମୀମାଂସିତ ଥିବାରୁ ପେନାଲଟି କର୍ଣ୍ଣର ସହାୟତାରେ ୨-୦ ଗୋଲରେ ଦିନିଆରୀ ଦଳ ବିଜୟୀ ଘୋଷିତ ହୋଇଥିଲା। ଖେଳକୁ ରେଫରୀ ମାନସ କୁମାର ନାୟକ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ପରିଡ଼ା ଓ ପ୍ରକାଶ କୁମାର ନାୟକ ଲାଇନମ୍ୟାନ ରହିଥିଲେ। ପୁରସ୍କାର ବିତରଣ ସଭାରେ ସମାଜସେବୀ ଯୋଗେଶ୍ୱର ପଣ୍ଡା, ସତ୍ୟବ୍ରତ ଦାଶ ଓ ଶିକ୍ଷକ ତ୍ରିନାଥ ପରିଡ଼ା ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ହାତୀପୋଖରୀ ପୋତା ଯିବାକୁ ବିରୋଧ

# ତହସିଲଦାରଙ୍କୁ ଫେରାଦ ହେଲେ ସ୍ଥାନୀୟ ଲୋକେ

ଖୋର୍ଦ୍ଧା, ୯।୧୨(ସମିସ): ଚଳିତବର୍ଷ ପୁଣି ବିବାଦରେ ଖୋର୍ଦ୍ଧା ମହୋତ୍ସବ। ହାବେଳୀ ପଡ଼ିଆଠାରେ ମହୋତ୍ସବ କରିବାକୁ ଅନୁଷ୍ଠାନ ସଜାବଜ ହେଉଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଛନ୍ତି। ମହୋତ୍ସବ ପାଇଁ ହାବେଳୀ ପଡ଼ିଆକୁ ଅନୁମତିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଉଥିବାବେଳେ କିନ୍ତୁ ବେଆଇନଭାବେ ସମ୍ମୁଖରେ ଥିବା ଖଣି (ହାତୀପୋଖରୀ) ପୋତାଯାଉଥିବା ଅଭିଯୋଗ ହେଉଛି। ଯାହାଫଳରେ ଉକ୍ତ ଖଣିରେ ଜମା ହେଉଥିବା ବର୍ଷାଜଳ ଏବେ ପ୍ରତି ଗଳିକନ୍ଦିରେ ପଶି କୃତ୍ରିମ ହ୍ରଦ ସୃଷ୍ଟିକରିବା ସ୍ଥାନୀୟ ଲୋକେ ଆଶଙ୍କା କଲେଣି। ତେଣୁ ପୋଖରୀ ପୋତିବା ବନ୍ଦ କରି ଏହାର ପୁନରୁଦ୍ଧାର କରିବା ଦାବିରେ ସ୍ଥାନୀୟ ଲୋକ ଶତାଧିକ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଥାଉକି, ପୌରାଞ୍ଚଳ ଅନ୍ତର୍ଗତ ଜଜାରସିଂ ମୌଜାର ଖାତା ନଂ -୧୧୦୬, ପ୍ଲଟ ନଂ -୨୬୮୬ରେ ଥିବା ହାତୀ ପୋଖରୀଟିକୁ ଅନୁଷ୍ଠାନ ପକ୍ଷରୁ ପୋତାଯାଉଛି। ଜଳାଶୟରୁ ପାଣିପମ୍ପ ଦ୍ୱାରା କିଛିଦିନ ତଳେ ସମସ୍ତ ଜଳ ନିଷ୍କାସନ କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ପୁରାତନ ଜଳାଶୟଟିର ପୁନଃରୁଦ୍ଧାର କରିବା ପରିବର୍ତ୍ତେ ଜଳାଶୟଟିକୁ ରାତି ଅଧିଆ ମୋରମ ପକାଇ ପୋତାଯାଉଛି। ଏହା ଉପରେ ମହୋତ୍ସବ ନିମନ୍ତେ ଦୋକାନ ଖୋଲିବା, ଗାଡ଼ି ପାର୍କିଂ କରିବା ତଥା ମଞ୍ଚ ବାନ୍ଧିବା ମସୁଧା ଅନୁଷ୍ଠାନ ପକ୍ଷରୁ କରାଯାଇଥିବାବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି। ଜଳାଶୟଟି ପୋତିହେବା



ଫଳରେ ପୌରାଞ୍ଚଳର ୫, ୮, ୧୧ ଓ ୧୨ନଂ ୱାର୍ଡର ବର୍ଷାଜଳ ନିଷ୍କାସନରେ ସମସ୍ୟା ଦେଖାଯିବା ସହିତ ବର୍ଷା ଦିନେ ଘରେ ପାଣି ପଶିବାର ସମ୍ଭାବନା ରହିଛି। ଗତବର୍ଷ ଏହି ଜଳାଶୟଟିକୁ ମହୋତ୍ସବ କମିଟି ପକ୍ଷରୁ ଅଳିଆ ଆବର୍ଜନାରେ ଅଧା ପୋତିଦିଆଯାଇଥିଲା। ଫଳରେ ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି ହେବା ସହିତ ମଶାଙ୍କ ପ୍ରାଦୁର୍ଭାବ ବି ବଢ଼ିଥିଲା। ତେଣୁ ଜଳାଶୟ ପୋତିବା ଉପରେ ରୋକ ଲଗାଇବା ସହ ଏହାର ପୁନରୁଦ୍ଧାର କରାଯାଉ ବୋଲି ଆଜି କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ସମେତ ସ୍ଥାନୀୟ ଲୋକ ତହସିଲଦାର ବିଭାସ ପାଣିଗ୍ରାହୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଶ୍ରୀ ପାଣିଗ୍ରାହୀ ଗୁରୁତର ସହ ଗ୍ରହଣ କରିଥିବାବେଳେ ଘଟଣାର ତଦନ୍ତ କରିବା ଲାଗି ଆରଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ଏହାକୁ ପୋତିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ମହୋତ୍ସବ ଆୟୋଜକ କମିଟିର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପୃଷ୍ଟିଙ୍କ କହିବା କଥା ପୋଖରୀ କୁ ଆମେ ପୋତିନୁ। ୨୦୧୨ରୁ ୨୦୨୧ ପର୍ଯ୍ୟନ୍ତ ପୌରପରିଷଦ ର ଆବର୍ଜନା ଏଠାରେ ଗଦା ହେଉଥିଲା। ଫଳରେ ପୋଖରୀ କିଛି ଅଂଶ ପୋତି ହୋଇଥିଲା। ସେତେବେଳେ କେହି ବିରୋଧ କରୁନଥିଲେ, ଗତବର୍ଷ ମହୋତ୍ସବରେ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମ ଥିବାରୁ ପୋଖରୀର କିଛି ଅଂଶକୁ ସମତୁଲ କରିଥିଲୁ ଏବଂ ଉକ୍ତ ଜାଗାକୁ ୭ଦିନ ବ୍ୟବହାର ପାଇଁ ଖଜଣା ପଇଠ କରିଥିଲୁ। ଚଳିତ ବର୍ଷ ମଧ ମହୋତ୍ସବରେ ଅସ୍ଥାୟୀ ବ୍ୟବହାର ପାଇଁ ୮ଦିନ ଲାଗି ଖଜଣା ପଇଠ କରାଯାଇଛି। ପୋଖରୀ ପୋତାଯାଇନି ବରଂ ଆବର୍ଜନା ସଫାକରାଯାଇ ମୋରୋମ ପକାଯାଇ ସମତୁଲ କରାଯାଇଛି। ମାତ୍ର ମହୋତ୍ସବକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ କିଛିଲୋକ ମିଥ୍ୟା ଅଭିଯୋଗ ଆଣୁଛନ୍ତି।

